୬ ରଣଜୀ ଟ୍ରଫି ପାଇଁ ଓଡ଼ିଶା ପ୍ରସ୍ତୁତ ୧୭ ଜଣିଆ ଦଳ ଘୋଷିତ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
e-paper www.sambadkalika.in
ସମ୍ବାଦ କଳିକା
The Sambad Kalika
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
E-mail : sambadkalikanews@gmail.com
● ବର୍ଷ–୩୩ ● ସଂଖ୍ୟା–୨୪୭ ● ୬ ଅକ୍ଟୋବର ୨୦୨୬ ମଙ୍ଗଳବାର ● ଭୁବନେଶ୍ୱର ● Vol -33 ● Issue-247 ● 6th October 2026, Tuesday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

## ଓଡ଼ିଆ ସିନେମାର ବିକାଶ ପାଇଁ ସରକାରଙ୍କ ବଡ ପଦକ୍ଷେପ

# ପୁନର୍ବିକଶିତ ଅତ୍ୟାଧୁନିକ କଳିଙ୍ଗ ଷ୍ଟୁଡିଓର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୫।୧୦**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଆ ସିନେମାର ଗୌରବଜ୍ୱଳ ଅତୀତକୁ ପୁନର୍ଜୀବିତ କରିବା ଏବଂ ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜଧାନୀ ଭୁବନେଶ୍ୱରରେ ନବକଳେବର ପ୍ରାପ୍ତ ଅତ୍ୟାଧୁନିକ 'କଳିଙ୍ଗ ଷ୍ଟୁଡ଼ିଓ'ର ସୋମବାର ଭବ୍ୟ ଲୋକାର୍ପଣ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପୁନର୍ବିକଶିତ ଓ ନବୀକୃତ ବିଶ୍ୱସ୍ତରୀୟ ଷ୍ଟୁଡ଼ିଓକୁ ଲୋକାର୍ପିତ କରିଛନ୍ତି।



ଏହା ସହିତ ସିନେମା ଐତିହ୍ୟର ସୁରକ୍ଷା ପାଇଁ କଳିଙ୍ଗ ଷ୍ଟୁଡିଓରେ ନିର୍ମିତ ସ୍ୱତନ୍ତ୍ର ଆର୍କାଇଭ୍ ଓ ମ୍ୟୁଜିୟମର ମଧ୍ୟ ଶୁଭାରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏଣିକି ଓଡ଼ିଆ ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ବୈଷୟିକ କାର୍ଯ୍ୟ ପାଇଁ ଆଉ ଅନ୍ୟ ରାଜ୍ୟମୁହାଁ ହେବାକୁ ପଡ଼ିବ ନାହିଁ। ଏଥିରେ ଅନେକ ବିଶ୍ୱସ୍ତରୀୟ ସୁବିଧା ଉପଲବ୍ଧ କରାଯାଇଛି। ଆଗାମୀ ଦିନରେ ଆହୁରି ଅନେକ ଅତ୍ୟାଧୁନିକ ସୁବିଧାର ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଅତ୍ୟାଧୁନିକ ସୁବିଧାରେ ସଜ୍ଜିତ ନୂତନ କଳିଙ୍ଗ ଷ୍ଟୁଡ଼ିଓ ବଦଳୁଥିବା ସମୟ ଏବଂ ଡିଜିଟାଲ୍ ଯୁଗର ଆବଶ୍ୟକତାକୁ ଆଖି ଆଗରେ ରଖି କଳିଙ୍ଗ ଷ୍ଟୁଡ଼ିଓକୁ ଏକ ସ୍ୱୟଂସମ୍ପୂର୍ଣ୍ଣ ଇକୋସିଷ୍ଟମ ଭାବେ ବିକଶିତ କରାଯାଇଛି। ଏଠାରେ ଇନ୍‌ଡୋର୍ ସୁଟିଂ ଫ୍ଲୋର୍ , ସ୍ନୋ-ହାଉସ୍, କ୍ରୋମା ଫ୍ଲୋର୍, ଟେକ୍-ଜୋନ୍, ସାଉଣ୍ଡ ରେକର୍ଡିଂ, ଡବିଂ, ଏଡିଟିଂ ଏବଂ ପୋଷ୍ଟ-ପ୍ରଡକ୍ସନ୍ ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି। ଏହାବ୍ୟତୀତ ଚଳଚ୍ଚିତ୍ର ଐତିହ୍ୟକୁ ସୁରକ୍ଷିତ ରଖିବା ପାଇଁ ଏକ ସ୍ୱତନ୍ତ୍ର ଆର୍କାଇଭ୍ ଓ ମ୍ୟୁଜିୟମ ମଧ୍ୟ ସ୍ଥାପନ କରାଯାଇଛି, ଯେଉଁଠାରେ ପୁରୁଣା ଫିଲ୍ମ, ପୋଷ୍ଟର, ଫଟୋଗ୍ରାଫ୍ ଏବଂ ଐତିହାସିକ ଦଲିଲଗୁଡ଼ିକୁ ସଂରକ୍ଷିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କଳିଙ୍ଗ ଷ୍ଟୁଡ଼ିଓ ଏବଂ ଓଡ଼ିଆ (ପୃଷ୍ଠା ୭ରେ)

# ଚିକିତ୍ସା ବିଜ୍ଞାନରେ ୩ ଜଣଙ୍କୁ ନୋବେଲ

**ଷ୍ଟକହୋମ, ୫।୧୦**

ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଚଳିତ ବର୍ଷର ନୋବେଲ ପୁରସ୍କାର ଘୋଷଣା କରାଯାଇଛି। କାର୍ଲ ଡାଇସେରୋଥ, ପିଟର ହେଗେମାନ ଓ ଜର୍ଜ ନାଗେଲଙ୍କୁ ଫିଜିଓଲୋଜି ବା ମେଡିସିନ୍‌ରେ ନୋବେଲ ସମ୍ମାନ ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି।


Peter Hegemann Georg Nagel Karl Deisseroth

ଏହି ତିନି ବୈଜ୍ଞାନିକଙ୍କୁ 'ଲାଇଟ-ଗେଟେଡ ଆୟନ ଚ୍ୟାନେଲ୍ସ ଏବଂ ଅପଟୋଜେନେଟିକ୍ସ' କ୍ଷେତ୍ରରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଗବେଷଣା ପାଇଁ ସମ୍ମାନିତ କରାଯାଇଛି। ସେମାନଙ୍କ ଗବେଷଣା ମସ୍ତିଷ୍କର ନର୍ଭ ସେଲ୍ସଗୁଡ଼ିକ କିପରି ସକ୍ରିୟ ଓ ନିଷ୍କ୍ରିୟ ହୁଅନ୍ତି, ତାହା ବୁଝିବାରେ ବିଜ୍ଞାନୀମାନଙ୍କୁ ନୂଆ ଦିଗ ଦେଇଛି।

ଅପଟୋଜେନେଟିକ୍ସ ଏକ ଆଧୁନିକ ବୈଜ୍ଞାନିକ ପ୍ରଣାଳୀ। ଏହାର ମାଧ୍ୟମରେ ଆଲୋକ ବ୍ୟବହାର କରି ନିର୍ଦ୍ଦିଷ୍ଟ ନର୍ଭ ସେଲର କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିହୁଏ। ଏହି ପ୍ରଣାଳୀ ମସ୍ତିଷ୍କ ଓ ସ୍ନାୟୁତନ୍ତ୍ରର କାର୍ଯ୍ୟକୁ ଅଧିକ ଗଭୀର ଭାବେ ବୁଝିବାରେ ବୈଜ୍ଞାନିକମାନଙ୍କୁ ସହାୟତା କରୁଛି।

କାର୍ଲ ଡାଇସେରୋଥ, ପିଟର ହେଗେମାନ ଓ ଜର୍ଜ ନାଗେଲଙ୍କ ଗବେଷଣା ଦ୍ୱାରା ଆଲୋକର ସାହାଯ୍ୟରେ ନର୍ଭ ସେଲ୍ସଗୁଡ଼ିକୁ ନିର୍ଦ୍ଦିଷ୍ଟ ଭାବେ 'ଅନ' କିମ୍ବା 'ଅଫ' କରିବାର ପ୍ରକ୍ରିୟା ବିକଶିତ ହୋଇଛି। ଏହା ନ୍ୟୁରୋସାଇନ୍ସ ସହିତ ବିଭିନ୍ନ ଚିକିତ୍ସା ଗବେଷଣା ପାଇଁ ମଧ୍ୟ ଗୁରୁତ୍ୱ ବହନ କରେ। ଚଳିତ ବର୍ଷ ନୋବେଲ ପୁରସ୍କାରର ରାଶି ୧୨ ମିଲିୟନ ସ୍ୱିଡିଶ କ୍ରୋନର ବୋଲି ଜଣାପଡ଼ିଛି। ଏହା ପ୍ରାୟ ୧.୨ ମିଲିୟନ ଆମେରିକୀୟ ଡଲାର ସହ ସମାନ।

ଚିକିତ୍ସା ବିଜ୍ଞାନରେ ନୋବେଲ ପୁରସ୍କାରକୁ ଆନୁଷ୍ଠାନିକ ଭାବେ 'ନୋବେଲ ପ୍ରାଇଜ ଇନ ଫିଜିଓଲୋଜି ଅର୍ ମେଡିସିନ' କୁହାଯାଏ। ୧୯୦୧ ମସିହାରୁ ଏହି ସମ୍ମାନ ପ୍ରଦାନ କରାଯାଉଛି।

# ଛାତ୍ର ସଂସଦ ନିର୍ବାଚନ ନେଇ ବାଜିଲା ବିଗୁଲ : ୧୫ରେ ଭୋଟ

**ଭୁବନେଶ୍ୱର, ୫।୧୦**
**ନ୍ୟୁଜ୍ ବ୍ୟୁରୋ**

ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇ ଛାତ୍ର ସଂସଦ ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇଛି। ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏ ନେଇ ନିର୍ବାଚନ କାର୍ଯ୍ୟସୂଚୀ ପ୍ରକାଶ ପାଇବା ପରେ ବିଭିନ୍ନ ମହାବିଦ୍ୟାଳୟ ଓ କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଓ ଚର୍ଚ୍ଚା ଜୋର ଧରିଛି। ଅନ୍ୟପକ୍ଷରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୋମବାର ଲୋକସେବା ଭବନଠାରେ ଛାତ୍ର ସଂସଦ ନିର୍ବାଚନ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ନିର୍ବାଚନ ସମୟରେ ବିଜେପି ଦେଇଥିବା ପ୍ରତିଶ୍ରୁତି ଅନୁସାରେ ଦୀର୍ଘ ଆଠ ବର୍ଷ ପରେ ଚଳିତ ବର୍ଷ ରାଜ୍ୟରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ ହେବାକୁ ଯାଉଛି। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ, ରାଜ୍ୟର କଲେଜ ଓ



ବିଶ୍ୱବିଦ୍ୟାଳୟଗୁଡ଼ିକରେ ଆସନ୍ତା ୧୫ ଅକ୍ଟୋବରରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ବାଚନ କାର୍ଯ୍ୟସୂଚୀ ସମ୍ପର୍କରେ ବିଜ୍ଞପ୍ତି ଜାରି କରାଯାଇଛି। ଆସନ୍ତା ୭ ତାରିଖରେ ନିର୍ବାଚନ ନେଇ ବିଶ୍ୱବିଦ୍ୟାଳୟ ଓ କଲେଜ ସ୍ତରରେ କର୍ତ୍ତୃପକ୍ଷ ବିଜ୍ଞପ୍ତି ପ୍ରକାଶ କରିବେ। ୯ ତାରିଖରେ ନାମାଙ୍କନ ସହ ଯାଞ୍ଚ ଓ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ। ୧୦ ଅପରାହ୍ନ ୧ଟା ଭିତରେ ନାମାଙ୍କନ ପ୍ରତ୍ୟାହାର, ୩ଟାରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୧୪ ତାରିଖରେ ଅନୁଷ୍ଠିତ ହେବ 'ହ୍ୱାଏ ଆଇ ଷ୍ଟାଣ୍ଡ ଫର' ମିଟିଂ। ୧୫ ତାରିଖରେ ମତଦାନ ଓ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ। ଦଶହରା ଛୁଟି ପୂର୍ବରୁ ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ନବନିର୍ବାଚିତ ଛାତ୍ର ପ୍ରତିନିଧିମାନେ ୧୬ ତାରିଖ ରେ ଶପଥ ପାଠ କରିବେ। ଏଥିପାଇଁ କ୍ୟାମ୍ପସରେ କାର୍ଯ୍ୟକ୍ରମର ଆୟୋଜନ କରାଯିବ।

ଛାତ୍ର ସଂସଦ ନିର୍ବାଚନ ହେବା ନେଇ ଘୋଷଣା ପରେ ଏବେ ରାଜ୍ୟର ବିଭିନ୍ନ ସ୍ଥାନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଦେଇଛି। ତେବେ ନିର୍ବାଚନ ପାଇଁ ଖୁବ୍ କମ୍ ସମୟ ରହିଥିବାରୁ ଏହାକୁ ବିରୋଧୀ ଛାତ୍ର ସଂଗଠନ ଗୁଡିକ ପକ୍ଷରୁ ସମାଲୋଚନା କରାଯାଇଛି।

ଓଡ଼ିଶାରେ ଶେଷ ଥର ପାଇଁ ୨୦୧୭ ମସିହାରେ ଛାତ୍ର (ପୃଷ୍ଠା ୭ରେ)

## ଆଜି ଓଡ଼ିଶା ଆସିବେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ

**ଭୁବନେଶ୍ୱର, ୫।୧୦**
**ନ୍ୟୁଜ୍ ବ୍ୟୁରୋ**

ମଙ୍ଗଳବାର ଦିନିକିଆ ଓଡ଼ିଶାଗସ୍ତରେ ଆସିବେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ଉଭୟେ ମଙ୍ଗଳବାର ଦିନ ସୁନାବେଡ଼ାଠାରେ ଥିବା ହିନ୍ଦୁସ୍ତାନ୍ ଏରୋନେଟିକ୍ସ ଲିମିଟେଡ୍(ହାଲ୍) ପରିଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବେ ବୋଲି ସୂଚନା ରହିଛି।

ଏହି ଅବସରରେ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ମୁମ୍ବାଇ-ବେଙ୍ଗାଲୁରୁ ମଧ୍ୟରେ ଶୀଘ୍ର ଚାଲିବ 'ବନ୍ଦେ ଭାରତ ସ୍ଲିପର ଟ୍ରେନ୍।
- ଉତ୍ତର ପ୍ରଦେଶର ଦେଓରିଆରେ ଜଣେ ସେନା ସୈନିକଙ୍କ ମୃତଦେହ ନେଇ ଯାଉଥିବା ଏକ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ,୪ ମୃତ।
- ଅଯୋଧ୍ୟାରେ ପହଞ୍ଚିଲେ ରାଜନାଥ ସିଂ, ରାମଲାଲାଙ୍କୁ କଲେ ଦର୍ଶନ।
- ଉତ୍ତର ପ୍ରଦେଶରୁ ରାଜ୍ୟସଭା ନିର୍ବାଚନ ପାଇଁ ୮ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କଲା ବିଜେପି।
- ଦିବ୍ରୁଗଡ଼ରୁ ବାଂଲାଦେଶ ଅଭିମୁଖେ ପ୍ରଥମ ମାଲବାହୀ ଜାହାଜ, ଆଭ୍ୟନ୍ତରୀଣ ଜଳପଥ ରପ୍ତାନୀ ପୁଣି ଆରମ୍ଭ।
- ଇରାନର ତୈଳ ମନ୍ତ୍ରୀ ମୋହସେନ ପାକନେଜାଦଙ୍କ ଇସ୍ତଫା।
- ସ୍ୱିଜରଲ୍ୟାଣ୍ଡ ରାଷ୍ଟ୍ରପତି ଗାଇ ପାରମେଲିନଙ୍କ ଭାରତ ଗସ୍ତ, ଦ୍ୱିପାକ୍ଷିକ ସମ୍ପର୍କ ଏବଂ ଇଏଫଟିଏ ରାଜିନାମା ଉପରେ ହେବ ଆଲୋଚନା।

# ନିବେଶ ଓ ଶିଳ୍ପ ପ୍ରତିଷ୍ଠା ସୁଗମ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ନେଇ ଆଲୋଚନା

**ଭୁବନେଶ୍ୱର, ୫।୧୦**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟ ଶାସନ ସଚିବ ତଥା ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସପିସିବି) ର ଅଧ୍ୟକ୍ଷା ଅନୁ ଗର୍ଗ ସୋମବାର ଓଏସପିସିବି ପରିଦର୍ଶନ କରି ବୋର୍ଡର ବିଭିନ୍ନ କାର୍ଯ୍ୟକଳାପ, ନିୟାମକ ବ୍ୟବସ୍ଥା, ପରିବେଶ ନିରୀକ୍ଷଣ, ବର୍ଜ୍ୟ ପରିଚାଳନା, ମାନବ ସମ୍ବଳ, ବର୍ତ୍ତମାନର ଆହ୍ୱାନ ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ସମୀକ୍ଷା କରିଥିଲେ। ମୁଖ୍ୟ ଶାସନ ସଚିବ, ନୂତନ ନିବେଶ ଓ ଶିଳ୍ପ ପ୍ରତିଷ୍ଠା ପାଇଁ ଅନୁକୂଳ ପରିବେଶ ସୃଷ୍ଟି ଲକ୍ଷ୍ୟରେ ପରିବେଶ ସୁରକ୍ଷା ସହ ଶିଳ୍ପ ବିକାଶର ସମନ୍ୱୟ ଉପରେ ଗୁରୁତ୍ୱ ଦେଇଥିଲେ।




ଓଡ଼ିଶାରେ ଇସ୍ପାତ, ଆଲୁମିନିୟମ୍, ବିଦ୍ୟୁତ୍, ଖଣିଜ, ପେଟ୍ରୋକେମିକାଲ୍ ଓ ଅନ୍ୟାନ୍ୟ ଶିଳ୍ପ କ୍ଷେତ୍ରରେ ଦ୍ରୁତ ବିକାଶ ଘଟୁଥିବା ବେଳେ ପରିବେଶ ସୁରକ୍ଷା ସହ ଶିଳ୍ପ ବିକାଶର ସମନ୍ୱୟ ରକ୍ଷା କରିବା ଉପରେ ମୁଖ୍ୟ ଶାସନ ସଚିବ ଗର୍ଗ ଗୁରୁତ୍ୱ ଦେଇଥିଲେ। ଶିଳ୍ପକୁ କେବଳ ଅନୁମତି ପ୍ରଦାନ ଓ ନିୟମ ପାଳନର ଯାଞ୍ଚରେ ସୀମିତ ନ ରଖି ତଥ୍ୟଭିତ୍ତିକ, ପ୍ରଯୁକ୍ତିନିର୍ଭର ଓ ସ୍ୱଚ୍ଛ ପରିବେଶ ପରିଚାଳନା ବ୍ୟବସ୍ଥା ଗଠନ ଦିଗରେ ବୋର୍ଡର ଭୂମିକା ଓ କାର୍ଯ୍ୟପନ୍ଥା (ପୃଷ୍ଠା ୭ରେ)

## ୱାର୍ଲ୍ଡ ସ୍କିଲ ସେଣ୍ଟର ଏବଂ ଓଏଚ୍‌ପିସି ମଧ୍ୟରେ ସହଭାଗିତା
# ପ୍ରତିଷ୍ଠା ହେବ ଗ୍ରୀନ୍ ଏନର୍ଜି (ସୋଲାର) ସେଣ୍ଟର ଅଫ୍ ଏକ୍ସିଲେନ୍ସ

**ଭୁବନେଶ୍ୱର, ୫।୧୦**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ଯୁବପିଢ଼ିଙ୍କୁ ସବୁଜ ଶକ୍ତି ଓ ସୌର ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଦକ୍ଷ କରିବା ପାଇଁ ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ୱାର୍ଲ୍ଡ ସ୍କିଲ ସେଣ୍ଟର ଠାରେ ଏକ 'ଗ୍ରୀନ୍ ଏନର୍ଜି (ସୋଲାର) ସେଣ୍ଟର ଅଫ୍ ଏକ୍ସଲେନ୍ସ' ପ୍ରତିଷ୍ଠା କରାଯାଉଛି। ଓଡ଼ିଶା ହାଇଡ୍ରୋ ପାୱାର କୋର୍ପୋରେସନ୍‌ର କର୍ପୋରେଟ୍ ସାମାଜିକ ଉତ୍ତରଦାୟିତ୍ୱ ପାଣ୍ଠିରୁ ପ୍ରାୟ ୧.୪୮ କୋଟି ଟଙ୍କା ବିନିଯୋଗରେ ଏହା କାର୍ଯ୍ୟକାରୀ ହେବ। ଉପ-ମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଉପସ୍ଥିତିରେ ଏହି ସହଭାଗିତା ନେଇ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି।

କୌଶଳ ଭବନରେ ପ୍ରାୟ ୩୦୦୦ରେ ବର୍ଗଫୁଟ ପରିମିତ ସ୍ଥାନରେ ନିର୍ମିତ ହେବାକୁ ଥିବା ଏହି ଆଧୁନିକ କେନ୍ଦ୍ରରେ ରୁଫଟପ୍, ଫ୍ଲୋଟିଂ ସୋଲାର ଏବଂ ସୋଲାର-ଟ୍ରାକର ଭଳି ବ୍ୟବହାରିକ ଡେମୋନଷ୍ଟ୍ରେସନ ୟୁନିଟ୍ ସହ ପିଏଲସି, ସ୍କାଡା, ଆଇଓଟି, ରିମୋଟ ମନିଟରିଂ ଓ ଏନର୍ଜି ମ୍ୟାନେଜମେଣ୍ଟ ଭଳି ଉନ୍ନତ ପ୍ରଯୁକ୍ତିବିଦ୍ୟାରେ ପ୍ରଶିକ୍ଷଣ ଦିଆଯିବ। ପ୍ରତିବର୍ଷ ପ୍ରାୟ ୩୦୦ ଯୁବକଯୁବତୀଙ୍କୁ ସୋଲାର ଟେକ୍ନିସିଆନ୍, ଅପରେସନ ଓ ମେଣ୍ଟେନାନ୍ସ ଟେକ୍ନିସିଆନ୍, ସାଇଟ୍ ସୁପରଭାଇଜର ଏବଂ ଏନର୍ଜି ଅଡିଟର ଭଳି ଉଚ୍ଚ ଚାହିଦା ଥିବା ପଦବୀ ପାଇଁ ପ୍ରଶିକ୍ଷିତ କରାଯିବ। ଏହି କାର୍ଯ୍ୟକ୍ରମ (ପୃଷ୍ଠା ୭ରେ)

# ନଭେମ୍ବରରେ ଏସ୍‌ଆଇ ପରୀକ୍ଷା : ଡିସେମ୍ବର ସୁଦ୍ଧା ନିଯୁକ୍ତି ପ୍ରକ୍ରିୟା

**ଭୁବନେଶ୍ୱର, ୫।୧୦**
**ନ୍ୟୁଜ୍ ବ୍ୟୁରୋ**

ପୁଲିସ ଏସଆଇ ପରୀକ୍ଷାକୁ ନେଇ ଦୀର୍ଘ ପ୍ରାୟ ଏକବର୍ଷ ଧରି ଲାଗି ରହିଥିବା ଅନିଶ୍ଚିତତା ଦୂର ହୋଇଛି। ଖୁବଶୀଘ୍ର ପୁଲିସ ଏସଆଇ ପରୀକ୍ଷା ହେବ ଓ ଏନେଇ ଆସନ୍ତା ସପ୍ତାହରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଓଡ଼ିଶା ୟୁନିଫର୍ମଡ୍ ଷ୍ଟାଫ ସିଲେକ୍ସନ ସର୍ଭିସ(ଓୟୁଏସଏସଏସ) କମିଶନ ଅଧ୍ୟକ୍ଷ ରଶ୍ମିରଞ୍ଜନ ସ୍ୱାଇଁ ସୂଚନା ଦେଇଛନ୍ତି। ଏହା ସହିତ ରାଜ୍ୟର ସମସ୍ତ ୟୁନିଫର୍ମ ସର୍ଭିସରେ ନିଯୁକ୍ତି ପ୍ରକ୍ରିୟାକୁ ସରଳ ଓ ସ୍ୱଚ୍ଛ କରିବା ନିମନ୍ତେ ଏକକ ବା 'କମ୍ବାଇଣ୍ଡ ପରୀକ୍ଷା' ପାଇଁ ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି।

କମିଶନ ଅଧ୍ୟକ୍ଷ ଶ୍ରୀ ସ୍ୱାଇଁ ସୂଚନା ଦେଇ କହିଛନ୍ତି ଯେ, ସ୍ଥଗିତ ରହିଥିବା ପୁଲିସ ସବଇନ୍ସପେକ୍ଟର ପରୀକ୍ଷାର ପ୍ରାର୍ଥୀମାନଙ୍କ ଡାଟା ପୂର୍ବରୁ ଫରେନସିକ୍ ଲ୍ୟାବ୍ ଓ କୋର୍ଟ ଇନଭେଷ୍ଟିଗେସନ୍ ଯୋଗୁ ଫସି ରହିଥିଲା। ଏବେ ଏହି ଆଇନଗତ ସମସ୍ୟାର ସମାଧାନ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଗାମୀ ସପ୍ତାହ ମଧ୍ୟରେ ଅଫିସିଆଲ ୱେବସାଇଟ୍ ତଥା ବିଭିନ୍ନ ମିଡିଆ ମାଧ୍ୟମରେ ପ୍ରାର୍ଥୀମାନଙ୍କୁ ସୂଚନା ଦିଆଯିବ।

ଓଡ଼ିଶା ପୋଲିସ୍ ଏସ୍‌ଆଇ ପରୀକ୍ଷାର ପ୍ରାର୍ଥୀମାନେ ନିଜର ପଞ୍ଜିକୃତ ମୋବାଇଲ୍ ନମ୍ବର ଓ ଇମେଲକୁ ଆସିବାକୁ ଥିବା ଓଟିପି ଜରିଆରେ ନିଜର ତଥ୍ୟ ବା କ୍ରେଡେନ୍ସିଆଲକୁ ରିଭାଲିଡେଟ୍ କରିବେ। ଏହି ତଥ୍ୟ ଯାଞ୍ଚ କରିବା ପରେ ପରୀକ୍ଷାର୍ଥୀମାନଙ୍କ ପାଇଁ ଆଡମିଟ୍ କାର୍ଡ ଜାରି କରାଯିବ। ପୂର୍ବ ନୋଟିଫିକେସନରେ ଥିବା ସମସ୍ତ ନିୟମ, ସର୍ତ୍ତାବଳୀ ଓ ସିଲାବସ୍ ଅନୁସାରେ ହିଁ ଏହି ପରୀକ୍ଷା ପରିଚାଳନା କରିବାକୁ ଶତପ୍ରତିଶତ ଚେଷ୍ଟା କରାଯାଉଛି ବୋଲି ସେ ସ୍ପଷ୍ଟ କରିଛନ୍ତି।

ସେହିପରି ପ୍ରିଜନ୍, ଫରେଷ୍ଟ, ଏକ୍ସାଇଜ୍, ଟ୍ରାନ୍ସପୋର୍ଟ, ଆର୍ମଡ୍ ପୁଲିସ ଓ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସ ଭଳି ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ପ୍ରାୟ ୭ରୁ୮ ହଜାର କନେଷ୍ଟବଳ ଓ ସମତୁଲ ପଦବୀଗୁଡ଼ିକ ପାଇଁ ଗୋଟିଏ କମ୍ବାଇଣ୍ଡ ପରୀକ୍ଷା କରାଯିବ। ବର୍ଷତମାମ ବାରମ୍ବାର ପରୀକ୍ଷା ଦେଇ ଛାତ୍ରଛାତ୍ରୀମାନେ ଯେପରି ହଇରାଣ ନହୁଅନ୍ତି ଓ ସେମାନଙ୍କ ସମୟ ଓ ଅର୍ଥ ଅଯଥାରେ ନଷ୍ଟ ନ ହୁଏ, ସେଥିପାଇଁ ଏହି ବ୍ୟବସ୍ଥା ଗ୍ରହଣ କରାଯାଉଛି। ସମସ୍ତ ବିଭାଗର ନିଯୁକ୍ତି ନିୟମାବଳୀକୁ (ପୃଷ୍ଠା ୭ରେ)

## ଚଳଚ୍ଚିତ୍ର ନିର୍ଦ୍ଦେଶକ ଏସକେ ମୁରଲୀଧରନଙ୍କ ପରଲୋକ

**ଭୁବନେଶ୍ୱର, ୫।୧୦**
**ନ୍ୟୁଜ୍ ବ୍ୟୁରୋ**

ଆଉ ନାହାନ୍ତି କୋରିଓଗ୍ରାଫରରୁ ଓଡ଼ିଆ ଫିଲ୍ମର ନିର୍ଦ୍ଦେଶକ ବନିଥିବା ଏସ୍‌କେ ମୁରଲୀଧରନ। ଆଜି ଭୁବନେଶ୍ୱରର ଗୋଟିଏ ହୋଟେଲ ଭିତରୁ ତାଙ୍କର ମୃତଦେହ ମିଳିଛି। କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହେଲା, ସେକଥା ଜଣାପଡ଼ିନାହିଁ। ପୁଲିସ୍ ମୃତଦେହକୁ ଜବତ କରି ଏବେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିବା ଜଣାପଡ଼ିଛି।

ହୋଟେଲ୍‌ରେ ହୃଦ୍‌ଘାତ ଯୋଗୁ ଏସ୍‌କେ ମୁରଲୀଧରନ ପ୍ରାଣ ହରାଇଥିବା ସନ୍ଦେହ କରାଯାଉଛି। ମୁରଲୀଧରନ୍ ହୋଟେଲର ଥିବା ବେଳେ ଗ୍ୟାସ ମେଡିସିନ ଓ ଅଙ୍ଗୁର ସହ କିଛି ଖାଦ୍ୟ ମଗାଇଥିଲେ। କିନ୍ତୁ କିଛି ସମୟ ପରେ ହଠାତ୍ (ପୃଷ୍ଠା ୭ରେ)

## ଏକାଳ ପଖାଳ



କହିବାକୁ ଭାଷା ନାହିଁ ଜମା ଆଜ୍ଞା
ରାଇଜ ଅବସ୍ଥା ଯାହା
ଆଲୋଚନା କଲେ ସମୟ ପାଉନି
ଦୋକାନୁ ସରଇ ଚାହା
ଆଇନିଶୃଙ୍ଖଳା ସ୍ୱାହା
ଲୁଟ୍ ରେପ ହତ୍ୟା ବଢଇ
ସମାଧାନର ନାହିଁ ରାହା।

# ସିକିଲ ସେଲ ରୋଗୀଙ୍କ ପାଇଁ ରାଜ୍ୟର ପ୍ରଥମ ଟିକାକରଣ ଅଭିଯାନ ଆରମ୍ଭ



**ଭୁବନେଶ୍ୱର, ୫।୧୦**
**ନ୍ୟୁଜ୍ ବ୍ୟୁରୋ**

ସିକିଲ ସେଲ ରୋଗୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ଉନ୍ନତ ଚିକିତ୍ସା ସୁବିଧା ପ୍ରଦାନ ଉଦ୍ଦେଶ୍ୟରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ରାଜ୍ୟର ପ୍ରଥମ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜାତୀୟ ସିକିଲ ସେଲ ରକ୍ତହୀନତା ନିରାକରଣ ମିଶନ ଅଧୀନରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ସମାରୋହରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଯୋଗଦେଇଥିଲେ।

ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ 'ରକ୍ତହୀନତା ମୁକ୍ତ ଭାରତ' ଅଭିଯାନକୁ ସଫଳ କରିବା ଦିଗରେ ଏହି ଟିକାକରଣ ଅଭିଯାନ ଆରମ୍ଭ କରାଯାଇଛି। ଏହା ମାଧ୍ୟମରେ ରାଜ୍ୟର ସିକିଲ ସେଲ ରୋଗୀମାନଙ୍କୁ ଦୀର୍ଘସ୍ଥାୟୀ ପ୍ରତିରୋଧକ କ୍ଷମତା ଓ ଉନ୍ନତ ସ୍ୱାସ୍ଥ୍ୟ ସୁରକ୍ଷା ଯୋଗାଇଦେବା ଲକ୍ଷ୍ୟ ରହିଛି।

ଅଭିଯାନ ଅଧୀନରେ ସିକିଲ ସେଲ ରୋଗୀଙ୍କୁ ପ୍ରଥମେ ନିମୋକୋକାଲ ସଂଯୁକ୍ତ ଟିକା-୧୩ର ଗୋଟିଏ ଡୋଜ୍ ଶିରାବହିର୍ଭୂତ ଭାବେ ପ୍ରଦାନ କରାଯିବ। ଏହାର ଆଠ ସପ୍ତାହ ପରେ ନିମୋକୋକାଲ ପଲିସାକାରାଇଡ୍ ଟିକା-୨୩ର ଗୋଟିଏ ଡୋଜ୍ ଦିଆଯିବ। (ପୃଷ୍ଠା ୭ରେ)

# ଆସନ୍ତା ୪ ଦିନ ଯାଏ କଲବଲ କରିବ ତାତି

**ଭୁବନେଶ୍ୱର, ୫।୧୦**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଏବେ ତାପମାତ୍ରା ବଢୁଛି। ଖରାତାତି ସାଙ୍ଗକୁ ଗରମ ଗୁଳୁଗୁଳି ଅନୁଭୂତ ହେଉଛି। ଆସନ୍ତା ୩/୪ ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିବ। ଏହାପରେ ତାପମାତ୍ରାରେ ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ। ତେବେ ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ରାତି ତାପମାତ୍ରାରେ ବିଶେଷ କିଛି ପରିବର୍ତ୍ତନ ହେବାର ନାହିଁ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ରର ରିପୋର୍ଟ ଅନୁସାରେ, ରବିବାର ୧୦ ସହରର ତାପମାତ୍ରା ୩୫ ଡିଗ୍ରୀ ଉପରେ



ରହିଥିବାବେଳେ ୨ଟି ସ୍ଥାନର ତାପମାତ୍ରା ୩୬ ଡିଗ୍ରୀ ଛୁଇଁଥିଲା। ପୁରୀରେ ସର୍ବାଧିକ ୩୬.୨ ଡିଗ୍ରୀ ତାପମାତ୍ରା ରେକର୍ଡ (ପୃଷ୍ଠା ୭ରେ)

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୬ ଅକ୍ଟୋବର ୨୦୨୬ ମଙ୍ଗଳବାର





# ଜିଲ୍ଲାର ସମସ୍ତ ଅଙ୍ଗନୱାଡୀ କେନ୍ଦ୍ରରେ 'ଆଙ୍ଗନ ଉତ୍ସବ' ଉଦ୍‌ଯାପିତ



**କେନ୍ଦ୍ରାପଡା , ନ୍ୟୁଜ୍ ବ୍ୟୁରୋ**

ମହିଳା ଶିଶୁ ବିକାଶ ବିଭାଗ ପକ୍ଷରୁକେନ୍ଦ୍ରାପଡା ଜିଲ୍ଲାରେ ଥିବା ୨୧୪୭ଟି ଅଙ୍ଗନୱାଡୀ କେନ୍ଦ୍ରରେ ଆଙ୍ଗନ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲାରେ ଗତ ତିନିଦିନ ଧରି ପ୍ରତ୍ୟେକ ଅଙ୍ଗନୱାଡୀ କେନ୍ଦ୍ରରେ ମହିଳା ଶିଶୁ ବିକାଶ ବିଭାଗ ପକ୍ଷରୁଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତିଙ୍କ ତତ୍ୱବଧାନରେ ଚାଲିଥିବା ଆଙ୍ଗନ୍‌କା ଉତ୍ସବ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ରବିନ୍ଦ୍ରକୁମାର ମଲ୍ଲିକ୍, ରାଜ୍ୟ ମହିଳା କମିଶନ ସଦସ୍ୟା ଡକ୍ଟର କଳ୍ପନା ମଲ୍ଲିକ ଅତିଥିଭାବେ ଯୋଗ ଦେଇ କେତେକ ଅଙ୍ଗନୱାଡୀ କେନ୍ଦ୍ର ପରିଦର୍ଶନ କରିଥିଲେ।ଏହି ଅବସରରେ ପ୍ରତ୍ୟେକ ଅଙ୍ଗନୱାଡୀ କେନ୍ଦ୍ରରେ ସିପି ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥିବା ପିତାମାତାଙ୍କୁ ସମ୍ମାନୀତ କରାଯାଇଥିବାବେଳେ ଅଙ୍ଗନଫୱାଡୀ କେନ୍ଦ୍ରର କର୍ମୀ, ସହାୟିକାଏବଂ ଆଶାକର୍ମୀ ମାନଙ୍କୁ ସେମାନଙ୍କର ନିଷ୍ଠାପୂର୍ଣ୍ଣସେବା ଓ ଅବଦାନ ପାଇଁ ଅତିଥିମାନେ ସମ୍ମାନୀତ କରିଥିଲେ। ଏଥିସହିତ ଅଭିଭାବକମାନଙ୍କୁ 'ତିରଙ୍ଗା ଥାଳି' ଗୁରୁତ୍ୱସମ୍ପର୍କରେ ସଚେତନତା କରାଯାଇ ସନ୍ତୁଳିତ ପୃଷ୍ଟିକର ଓ ବିବିଧ ଖାଦ୍ୟ ଗ୍ରହଣ ପାଇଁ ପରାମର୍ଶ ଦିଆଯାଇଥିଲା। ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଜୟ ପାତ୍ର ଯୋଗଦେଇଥିଲେ

# ପୋଷଣ ମାସ ପରିପ୍ରେକ୍ଷୀରେ ଅଭିଭାବକମାନଙ୍କ ଦକ୍ଷତା ପ୍ରଦର୍ଶନ

**କଟକ, ନ୍ୟୁଜ୍ ବ୍ୟୁରୋ**

ଶିଶୁଙ୍କ ପୋଷଣ, ସ୍ୱାସ୍ଥ୍ୟ ଓ ସୁସ୍ଥ ବିକାଶକୁ ନେଇ ସଚେତନତା ସୃଷ୍ଟି ସହ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ଅଭିଭାବକ ଓ ସମାଜ ସହ ଅଧିକ ଯୋଡ଼ିବା ଉଦ୍ଦେଶ୍ୟରେ ଟାଙ୍ଗୀ-ଚୌଦ୍ୱାର ବ୍ଲକର ୨୯୮ଟି ଆଙ୍ଗନୱାଡ଼ି କେନ୍ଦ୍ରରେ 'ଆଙ୍ଗନ କା ଉତ୍ସବ' ଅନୁଷ୍ଠିତ ହୋଇଛି। ନବମ ରାଷ୍ଟ୍ରୀୟ ପୋଷଣ ମାସ-୨୦୨୬ ପରିପ୍ରେକ୍ଷୀରେ ଆୟୋଜିତ ଏହି ଉତ୍ସବରେ ଶିଶୁ, ଅଭିଭାବକ, ଆଶା କର୍ମୀ ଓ ଅଙ୍ଗନୱାଡ଼ି କର୍ମୀମାନଙ୍କ ସକ୍ରିୟ ଭାଗୀଦାରି ଦେଖିବାକୁ ମିଳିଥିଲା। ଉତ୍ସବର ପ୍ରଥମ ଦିନରେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ଅଭିଭାବକମାନଙ୍କ ଦ୍ୱାରା ପ୍ରସ୍ତୁତ ପୋଷଣଯୁକ୍ତ ଖାଦ୍ୟ ଓ ପାରମ୍ପରିକ ପିଠାପଣାର ପ୍ରଦର୍ଶନ କରାଯାଇଥିଲା। ସ୍ଥାନୀୟ ଭାବେ ଉପଲବ୍ଧ ଖାଦ୍ୟ ସାମଗ୍ରୀକୁ ବ୍ୟବହାର କରି କିପରି ସୁଷମ ଓ ପୋଷଣଯୁକ୍ତ ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ, ସେନେଇ ମଧ୍ୟ ଅଭିଭାବକମାନେ ନିଜ ଦକ୍ଷତା ପ୍ରଦର୍ଶନ କରିଥିଲେ। ପ୍ରସ୍ତୁତ ଖାଦ୍ୟର ଗୁଣବତ୍ତା, ପୋଷଣମାନ ଓ ଉପସ୍ଥାପନାକୁ ବିଚାରକମଣ୍ଡଳୀ ମୂଲ୍ୟାୟନ କରିଥିଲେ। ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଅଭିଭାବକମାନଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଁ ଚୟନ କରାଯାଇଥିଲା। ଏହା ମାଧ୍ୟମରେ ପରିବାରର ଦୈନନ୍ଦିନ ଖାଦ୍ୟାଭ୍ୟାସରେ ପୋଷଣର ଗୁରୁତ୍ୱ ସମ୍ପର୍କରେ ଏକ ସଚେତନତାର ବାର୍ତ୍ତା ଦିଆଯାଇଥିଲା। ଉତ୍ସବର ଦ୍ୱିତୀୟ ଦିନଟି ଶିଶୁମାନଙ୍କ ପ୍ରତିଭା ପ୍ରଦର୍ଶନକୁ ଉତ୍ସର୍ଗୀକୃତ ଥିଲା। ଏହି ଅବସରରେ ଚିତ୍ରାଙ୍କନ, ଗଳ୍ପ କହିବା, ଗୀତ ଓ ନୃତ୍ୟ ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କୁନିକୁନି ପିଲାମାନେ ଉତ୍ସାହର ସହ ଏଥିରେ ଭାଗନେଇ ନିଜର ସୃଜନଶୀଳତା ଓ ପ୍ରତିଭାର ପରିଚୟ ଦେଇଥିଲେ। ଉତ୍ତମ ପ୍ରଦର୍ଶନ କରିଥିବା ଶିଶୁମାନଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଁ ମନୋନୀତ କରାଯାଇଥିଲା। ଅନ୍ତିମ ଦିନରେ 'ସୁଭଦ୍ରା ଶକ୍ତି ସମ୍ବାଦ' କାର୍ଯ୍ୟକ୍ରମ ମାଧ୍ୟମରେ ଅଭିଭାବକ ଓ ହିତାଧିକାରୀମାନଙ୍କ ସହ ବିଭିନ୍ନ ସରକାରୀ ସହାୟତା ଓ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ମାତାପିତା, ଜେଜେବାପା, ଜେଜେମା, ସୁଭଦ୍ରା ଯୋଜନାର ହିତାଧିକାରୀ ଏବଂ ଅଙ୍ଗନୱାଡ଼ି ପରିଚାଳନା କମିଟିର ସଦସ୍ୟମାନେ ଯୋଗଦେଇଥିଲେ। ପ୍ରତ୍ୟେକ କେନ୍ଦ୍ର ଅଧୀନରେ ପ୍ରାୟ ୫୦ ଜଣଙ୍କ ପାଇଁ ଖାଦ୍ୟ ଓ ପାନୀୟର ବ୍ୟବସ୍ଥା କରାଯାଇଥିଲା।

# ମା' ସମଲେଶ୍ୱରୀଙ୍କ ପୀଠରେ ଷୋଡ଼ଶ ଉପଚାର ପୂଜା : ବ୍ରାହ୍ମଣ ବଦଳରେ ରାଜା ବଂଶଜ କରନ୍ତି ପୂଜା

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

ମା' ସମଲେଶ୍ୱରୀ ହେଉଛନ୍ତି ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ । ମା'ଙ୍କ ପ୍ରତି କେବଳ ଓଡ଼ିଶା ନୁହେଁ ରାଜ୍ୟ ବାହାର ଲୋକଙ୍କ ମଧ୍ୟ ଅଖଣ୍ଡ ବିଶ୍ୱାସ ରହିଛି । ତେଣୁ ଏଠାରେ ବର୍ଷ ତମାମ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ । ତେବେ ଶାରଦୀୟ ଦୁର୍ଗାପୂଜା ସମୟରେ ଏଠାକୁ ଅଧିକ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥାଏ । ବର୍ତ୍ତମାନ ମା'ଙ୍କ ପୀଠରେ ଷୋଡଶ ଉପଚାର ପୂଜା ଆରମ୍ଭ ହୋଇଥିବା ବେଳେ ଦୀର୍ଘ ୧୬ ଦିନ ଧରି ସ୍ୱତନ୍ତ୍ର ପୂଜାର୍ଚ୍ଚନା ଚାଲିବ । ସମଲେଶ୍ୱରୀ ମନ୍ଦିରର ପୂଜକ ଅମ୍ବିକା ରାୟଙ୍କ ଅନୁସାରେ,ଏହି ପୀଠରେ ମା'ଙ୍କ କୌଣସି ବେଶ ହୋଇନଥାଏ । ମା'ଙ୍କ ୧୬ଟି ଜ୍ୟୋତି ସ୍ୱରୂପକୁ ପୂଜା କରାଯାଏ । ମୂଳାଷ୍ଟମୀରୁ ମହାଷ୍ଟମୀ ପର୍ଯ୍ୟନ୍ତ ୧୬ ଦିନ ଧରି ଏଠାରେ ପୂଜା ହୋଇଥାଏ । ଏହି ପୀଠରେ ମା'ଙ୍କ କେବଳ ୨ଟି



ବେଶ ହୋଇଥାଏ, ତାହା ହେଲା ଗଙ୍ଗା ବେଶ ବା ଧବଳମୁଖୀ ବେଶ ଓ ରାଜରାଜେଶ୍ୱରୀ ବେଶ । ମହାଳୟା ତିଥିରେ ଗଙ୍ଗା ବେଶ ଓ ପୂର୍ଣ୍ଣିମା ତିଥିରେ ମା'ଙ୍କ ରାଜ ରାଜେଶ୍ୱରୀ ବେଶ ହୋଇଥାଏ । ଏଠାରେ ମା'ଙ୍କ ଦୁର୍ଗା, ନାରାୟଣୀ, ଈଶାନୀ, ବିଷ୍ଣୁମାୟା, ଶିବା, ସତୀ, ନିତ୍ୟା, ସତ୍ୟା, ଭଗବତୀ, ଶର୍ବାଣୀ, ସର୍ବ ମଙ୍ଗଳା, ଅମ୍ବିକା, ବୈଷ୍ଣବୀ, ଗୌରୀ, ପାର୍ବତୀ, ସନାତନୀ ସ୍ୱରୂପରେ ପୂଜା କରାଯାଏ। ପ୍ରତ୍ୟେକ ଦିନ ରାତି ୮ ଟାରେ ମା'ଙ୍କ ଆଳତୀ ସମୟରେ ଏହି ସ୍ୱରୂପଙ୍କୁ ପୂଜା କରାଯାଇଥାଏ ।' 'ଏହି ପୀଠର ବୈଶିଷ୍ଟ୍ୟ ହେଉଛି ଏଠାରେ କୌଣସି ବ୍ରାହ୍ମଣମାନେ ପୂଜା କରନ୍ତି ନାହିଁ । ସମ୍ବଲପୁର ରାଜାଙ୍କ ବଂଶଜ ରାଜପୁତ ସମ୍ପ୍ରଦାୟର ଲୋକମାନେ ହିଁ ପୂଜା କରି ଆସୁଛନ୍ତି । ଚୌହାନ ବଂଶୀୟ ରାଜା ବଳରାମ ଦେବ ଏହି ମନ୍ଦିର ତିଆରି କରି ନିଜେ ଯେହେତୁ ପୂଜା କରୁଥିଲେ ସେହି ସମୟରୁ ଏଠାରେ ରାଜପୁତ ବଂଶୀୟ ଲୋକେ ହିଁ ପୂଜା କରନ୍ତି । ଏହା ସହ ଏଠାରେ ରାଜସିକ ପଦ୍ଧତିରେ ପୂଜା ହୋଇଥାଏ । ୧୬ ଦିନ ଧରି ମା'ଙ୍କ ଯେଉଁ ୧୬ଟି ସ୍ୱରୂପର ପୂଜା ହୋଇଥାଏ, ପ୍ରତ୍ୟେକ ଦିନ ସ୍ୱତନ୍ତ୍ର ଆଉ ଭିନ୍ନ ଭିନ୍ନ ଭୋଗ ଲାଗିଥାଏ । ଏଠାରେ କାକରା, ସରସତିଆ, ଖଇ, ଛେନା, ଉଖୁଡ଼ା, ଫଳ, ଗୁଡ଼ ପିଠା ଆଦି ଭୋଗ ଲାଗିଥାଏ' ବୋଲି ପୂଜକ ଅମ୍ବିକା ରାୟ କହିଛନ୍ତି । 'ଏହି ୧୬ ଦିନ ପୂଜକଙ୍କୁ ଅତି ନିଷ୍ଠାର ସହ ରହିବାକୁ ପଡ଼େ । ମୂଳାଷ୍ଟମୀରୁ ନିଜର ପଇତା ବଦଳେଇବାକୁ ପଡିଥାଏ। ମୂଳାଷ୍ଟମୀରୁ ମହାଳୟା ପର୍ଯ୍ୟନ୍ତ ପୂଜକ କେବଳ ଗୋଟିଏ ବେଳା ମା'ଙ୍କ ଭୋଗକୁ ହିଁ ଅନ୍ନ ଭାବେ ଗ୍ରହଣ କରିଥାନ୍ତି । ଏପରି କି ବ୍ରାହ୍ମଚର୍ଯ୍ୟ ପାଳନ କରିବା ସହ ଖଟରେ ଶୋଇବା କିମ୍ବା ବସିବାକୁ ମଧ୍ୟ ବାରଣ ରହିଛି । ବାହାରେ ପାଣି ପିଇବା ମଧ୍ୟ ମନା ଅଛି । ଏଥିରେ କୌଣସି ବ୍ୟତିକ୍ରମ କିମ୍ବା ବିଭ୍ରାଟ ହେଲେ ପୂଜକଙ୍କ ଅନିଷ୍ଟ ହେବା ସୁନିଶ୍ଚିତ 'ବୋଲି କହିଛନ୍ତି ପୂଜକ । ସେ ଆହୁରି କହିଛନ୍ତି,'ଆମର ଏବେ ଦଶମ ପିଢ଼ି ମା'ଙ୍କ ସେବା କରୁଛନ୍ତି । ଏହି ପୂଜାରେ କୁଆଁରୀ କନ୍ୟାଙ୍କ ଅଂଶ ଗ୍ରହଣକୁ ବାରଣ କରାଯାଇଛି । ପୂର୍ବ ପୁରୁଷରୁ ଏହି ପରମ୍ପରା ଚାଲି ଆସିଛି । ଯେତେବେଳେ ପୂଜକଙ୍କ ଘରୁ ମନ୍ଦିରକୁ ପୂଜା ସାମଗ୍ରୀ ଆସିଥାଏ, ସେତେବେଳେ ବି କୌଣସି କୁଆଁରୀ କନ୍ୟା ଏହାକୁ ନ ଦେଖନ୍ତୁ, ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଉଛି।' ସମ୍ବଲପୁର ଜଣେ ଶ୍ରଦ୍ଧାଳୁ ନିକିତା ସେଠ୍ କହିଛନ୍ତି,'ଏହି ସମୟରେ ଏଠାକୁ ଆସିଲେ ମନଙ୍କୁ ବହୁତ ଶାନ୍ତି ମିଳେ। ତେଣୁ ଆମେ ପ୍ରତ୍ୟେକ ବର୍ଷ ଆସିଥାଉ । ଏଠାକୁ ଆସି ଲୋକେ ମାନସିକ ଦୀପ ପ୍ରଜ୍ୱଳନ କରନ୍ତି, ଯାହା ଦ୍ୱାରା ମାନସିକ ପୂର୍ଣ୍ଣ ହୋଇଥାଏ ବୋଲି ମାନ୍ୟତା ରହିଛି ।' ବରଗଡ଼ ଜିଲ୍ଲାରୁ ଆସିଥିବା ଶ୍ରଦ୍ଧାଳୁ ମୋନାଲିସା ସାହୁ କହିଛନ୍ତି, ମା'ସମଲେଶ୍ୱରୀଙ୍କ ଉପରେ ମୋର ଗଭୀର ବିଶ୍ୱାସ ରହିଛି । ମୁଁ ଯେତେବେଳେ ବି ମା'ଙ୍କୁ ଡାକିଛି, ସେ ଶୁଣିଛନ୍ତି । ଦଶହରା ସମୟରେ ଏଠାରେ ପ୍ରବଳ ଗହଳି ହୋଇଥାଏ । ମୁଖ୍ୟତଃ ମହାଳୟା ତିଥିରେ ମା'ଙ୍କ ଧବଳମୁଖି ବେଶ ଦିନ ବହୁ ଭକ୍ତଙ୍କ ସମାଗମ ହୋଇଥାଏ । ମୋର ବ୍ୟକ୍ତିଗତ ଅନୁଭୂତି ହେଲା ମା'ଙ୍କ ଦର୍ଶନ କଲେ ବହୁତ ଶାନ୍ତି ମିଳିଥାଏ ।'

# ହିନ୍ଦୀ ସାହିତ୍ୟର ଉତ୍କର୍ଷତା ଉପରେ ଗୁରୁତ୍ୱାରୋପ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଲୁଣିବାହାଲ ସ୍ଥିତ ପଲ୍ଲୀ ବିକାଶ ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲାସ୍ତରୀୟ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ ଯୋଗଦେଇ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଗଙ୍ଗାଧର ମେହେର ଉଚ୍ଚ ବିଦ୍ୟାଳୟ ଗବାଯୋରର ହିନ୍ଦୀ ଶିକ୍ଷକ ବସନ୍ତ କୁମାର ଦାସ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥି ଭାବେ ପଲ୍ଲୀ ବିକାଶ ଉଚ୍ଚ ବିଦ୍ୟାଳୟ, ଲୁଣିବାହାଲର ପ୍ରଧାନଶିକ୍ଷକ ତୃପ୍ତି ରନ ଦାନୀ, ହିନ୍ଦୀ ଶିକ୍ଷକ ସଂଘର ସଭାପତି ସଦାନନ୍ଦ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଶିଶୁ ମାନଙ୍କ ଦ୍ୱାରା ଏକ ସୁନ୍ଦର ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ରାଷ୍ଟ୍ରଭାଷା ହିନ୍ଦୀର ପ୍ରଚାର ପ୍ରସାର ତଥା ହିନ୍ଦୀ ସାହିତ୍ୟର ବ୍ୟାପକତା ସମ୍ବନ୍ଧରେ ଆଲୋଚନା କରି ଏହାର ଉପାଦେୟତା ଓ ସାରା ଦେଶରେ ଯୋଗାଯୋଗର ପ୍ରମୁଖ ମାଧ୍ୟମ ସାଜିଥିବା ହିନ୍ଦୀ ସାହିତ୍ୟର ଉତ୍କର୍ଷତା ବିଷୟରେ ଉପସ୍ଥିତ ମୁଖ୍ୟ ଅତିଥି ଆହ୍ୱାନ ଦେଇଥିଲେ। ଶ୍ରୀଯୁକ୍ତ ନାରାୟଣ ମେହେର ସଭା ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ଶ୍ରଦ୍ଧାଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲାରେ ବିଗତ ବାର୍ଷିକ ମ୍ୟାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ୩ ଜଣ କୃତୀ ବିଦ୍ୟାର୍ଥୀଙ୍କୁ ମାନପତ୍ର ଓ ଟ୍ରଫି



ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନ ପାଇଁ ହିନ୍ଦୀ ଶିକ୍ଷକ ବିଭୂତି ଭୂଷଣ ମହାକୁଡ଼, ବିପ୍ଳବ ଗାଇଗୌରିଆ, ମିତ୍ ମୋହନ ଚାନ୍ଦ୍ ସହଯୋଗ କରିଥିଲେ । ସ୍ଥାନୀୟ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ମନମୋହନ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସଂପୂର୍ଣ୍ଣ ଭାବେ ସହଯୋଗ କରିଥିଲେ।

# ଜିଡିପି ଓ ଏହାର ଅଭିବୃଦ୍ଧି ଘଟଣା ସମୂହ ବନାମ ମନଗଢ଼ା କଥା' ଶୀର୍ଷକରେ ଆଲୋଚନାଚକ୍ର

**କଟକ, ନ୍ୟୁଜ୍ ବ୍ୟୁରୋ**

ଜିଡିପି ଓ ଏହାର ଅଭିବୃଦ୍ଧି: ଘଟଣା ସମୂହ ବନାମ ମନଗଢ଼ା କଥା ' ଶୀର୍ଷକରେ ଗୋପବନ୍ଧୁ ବିଚାର ମଞ୍ଚ, ରେଭେନ୍ସା ବିଶ୍ୱବିଦ୍ୟାଳୟ ଶାଖା ପକ୍ଷରୁ ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଅର୍ଥନୀତି ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର କୀର୍ତ୍ତି ରଞ୍ଜନ ପାଲଟାସିଂହ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ରୀ ଶାଲିନୀ ମହାପାତ୍ର ସଭାପତିତ୍ୱ କରିଥିଲେ ଏବଂ ଛାତ୍ରୀ ସ୍ୱାତୀ ସଞ୍ଜନା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଲୋଚନାରେ ରେଭେନ୍ସାର ବିଭିନ୍ନ ବିଭାଗରୁ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ରିସର୍ଚ୍ଚ ସ୍କଲାର ଓ ଅଧ୍ୟାପକମାନେ ଯୋଗ ଦେଇ ଆଲୋଚନା ଚକ୍ରକୁ ପ୍ରାଣବନ୍ତ ଓ ଶିକ୍ଷଣୀୟ କରିଥିଲେ।

# ନାବାର୍ଡ ସହାୟତାରେ ଗ୍ରାମୀଣ ମହିଳାଙ୍କୁ ଛତୁଚାଷ ପ୍ରଶିକ୍ଷଣ

## ଜୀବିକା ବିକାଶ ଓ ମହିଳାଙ୍କ ଆର୍ଥିକ ସଶକ୍ତୀକରଣ ଉପରେ ଗୁରୁତ୍ୱ

**ବରଗଡ, ନ୍ୟୁଜ୍ ବ୍ୟୁରୋ**

ଅନ୍ତର୍ଲାରେ ଏକଦିବସୀୟ ଛତୁ ଚାଷ ତାଲିମ ଶିବିର ବରଗଡ ଜିଲ୍ଲା ପଦ୍ମପୁର ବ୍ଲକ ଜମରତଲା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଅନ୍ତର୍ଲା ଗ୍ରାମରେ ନାବାର୍ଡ ସହାୟତାରେ ଦେବଦତ୍ତ କ୍ଲବ ଦ୍ୱାରା ପରିଚାଳିତ ଆଦିବାସୀ ଉନ୍ନୟନ କାର୍ଯ୍ୟକ୍ରମ ପ୍ରକଳ୍ପ ଅଧୀନରେ ଏକଦିବସୀୟ ଛତୁ ଚାଷ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମୀଣ ମହିଳାମାନଙ୍କୁ ପାରମ୍ପରିକ କୃଷି ସହିତ ଅନ୍ୟାନ୍ୟ ଜୀବିକା ମାଧ୍ୟମ ସହ ଯୋଡ଼ି ଆତ୍ମନିର୍ଭରଶୀଳ କରିବା ଉଦ୍ଦେଶ୍ୟରେ ଏହି ତାଲିମ ଶିବିର ଆୟୋଜନ କରାଯାଇଥିଲା। ଛତୁ ଚାଷ ଅଳ୍ପ ଜାଗା ଓ ସ୍ୱଳ୍ପ ଖର୍ଚ୍ଚରେ କରାଯାଇପାରୁଥିବାରୁ ଏହା ମହିଳାଙ୍କ ପାଇଁ ଏକ ବିକଳ୍ପ ଜୀବିକା ମାଧ୍ୟମ ହୋଇପାରିବ ବୋଲି ତାଲିମ ସମୟରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ପଦ୍ମପୁର ଉଦ୍ୟାନ କୃଷି ବିଭାଗର ଉଦ୍ୟାନ କୃଷି ପ୍ରଚାର କର୍ମଚାରୀ ସୁରଜ ଭୋଇ ଯୋଗଦେଇ



ମହିଳା ହିତାଧିକାରୀଙ୍କୁ ଛତୁ ଚାଷର ବିଭିନ୍ନ ଦିଗ ଉପରେ ବିସ୍ତୃତ ତାଲିମ ପ୍ରଦାନ କରିଥିଲେ। ଛତୁ ଚାଷ ପାଇଁ ଆବଶ୍ୟକ ଉପକରଣ, ଚାଷ ପାଇଁ ପ୍ରସ୍ତୁତି, ବିହନ ବ୍ୟବହାର, ଉପଯୁକ୍ତ ପରିବେଶ, ଚାଷ ସମୟରେ ଯତ୍ନ ଓ ରୋଗପୋକ ନିୟନ୍ତ୍ରଣ ସମ୍ପର୍କରେ ବ୍ୟବହାରିକ ଓ ତାତ୍ତ୍ୱିକ ତଥ୍ୟ ଦିଆଯାଇଥିଲା। ଏଥିସହ ଉତ୍ପାଦିତ ଛତୁର ସଂରକ୍ଷଣ, ବଜାରୀକରଣ ଓ ଏହା ମାଧ୍ୟମରେ ଆୟ ବୃଦ୍ଧିର ବିଭିନ୍ନ ସୁଯୋଗ ନେଇ ମଧ୍ୟ ଆଲୋଚନା କରାଯାଇଥିଲା। ତାଲିମ ଶିବିରରେ ପ୍ରକଳ୍ପର ୩୦ ଜଣ ମହିଳା ହିତାଧିକାରୀ ଯୋଗଦେଇ ଛତୁ ଚାଷ ସମ୍ପର୍କିତ ତାଲିମ ଗ୍ରହଣ କରିଥିଲେ। ମହିଳାମାନେ ତାଲିମ ସମୟରେ ବିଭିନ୍ନ ବିଷୟରେ ପ୍ରଶ୍ନ ପଚାରିବା ସହ ଛତୁ ଚାଷକୁ ନିଜ ଅଞ୍ଚଳରେ ଜୀବିକାର ଏକ ମାଧ୍ୟମ ଭାବେ ଗ୍ରହଣ କରିବା ନେଇ ଆଗ୍ରହ ପ୍ରକାଶ କରିଥିଲେ। ପ୍ରକଳ୍ପ ମାଧ୍ୟମରେ ଆଦିବାସୀ ଓ ଗ୍ରାମୀଣ ପରିବାରଗୁଡ଼ିକର ଜୀବିକା ବିକାଶ, ଆୟବୃଦ୍ଧି ଓ ମହିଳାଙ୍କ ଆର୍ଥିକ ସଶକ୍ତୀକରଣ ଉପରେ ଗୁରୁତ୍ୱ ଦିଆଯାଉଛି। ଛତୁ ଚାଷ ଭଳି ଆୟମୁଖୀ କାର୍ଯ୍ୟକ୍ରମ ମହିଳାଙ୍କୁ ନିଜ ଘରେ ରହି ଜୀବିକା ଅର୍ଜନର ସୁଯୋଗ ଦେବା ସହ ପରିବାରର ଆର୍ଥିକ ସ୍ଥିତିକୁ ମଧ୍ୟ ସୁଦୃଢ଼ କରିବାରେ ସହାୟକ ହେବ ବୋଲି ଆଶା ପ୍ରକାଶ ପାଇଥିବା ବେଳେ ପରିଶେଷରେ କାର୍ଯ୍ୟକ୍ରମ ସଂଯୋଜକ କପିଳେଶ୍ୱର ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁରଭି କାର୍ଯ୍ୟକ୍ରମ: ଲୋକନୃତ୍ୟରେ ଦୁଲୁକିଲା ମଞ୍ଚ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଖଲ୍ଲିକୋଟ ବ୍ଲକ ସାବୁଳିଆ କ୍ଲଷ୍ଟର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସୁରଭି-୨୦୨୬ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ନାୟକ ସଭାପତିତ୍ୱ ସହ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ କୋରାପୁଟିଆ ଲୋକ ନୃତ୍ୟରେ ଦୁଲୁକି ଥିଲା ମଞ୍ଚ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ ତଥା ରାଜ୍ୟପାଳ ପୁରସ୍କୃତ ବିଜୟ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ କିଶୋର ଚନ୍ଦ୍ର ଘାସି, ପୂର୍ବତନ ସି ଆର ସି ସି କୃଷ୍ଣ ଚନ୍ଦ୍ର ବେହେରା, ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ, ଗ୍ରାମ୍ୟ ସଭାପତି ଲକ୍ଷ୍ମଣ ପ୍ରଧାନ, ଏସ ଏମ ସି ସଭାପତି ତ୍ରିଲୋଚନ ପ୍ରଧାନ, ସି ଆର ସି ରବୀନ୍ଦ୍ର କୁମାର ନାହାକ ପ୍ରମୁଖ ମଞ୍ଚାସିନ ହୋଇ ଉପରୋକ୍ତ କାର୍ଯ୍ୟକ୍ରମର ଲକ୍ଷ୍ୟ, ତାତ୍ପର୍ଯ୍ୟ ଓ ଉଦ୍ଦେଶ୍ୟ ଉପରେ ଛାତ୍ର



ଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ। ମଞ୍ଚ ସଂଯୋଜନାରେ ଆଳପୁର ପ୍ରଧାନ ଶିକ୍ଷକ ଗଣେଷ ଚନ୍ଦ୍ର ଦଳବେହେରା କରିଥିଲେ। ଏହି କ୍ଲଷ୍ଟର ର ୧୩ଟି ବିଦ୍ୟାଳୟର ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଅଂଶୁମାଳୀ ବେହେରା, ସନ୍ତୋଷ କୁମାର ପଟ୍ଟନାୟକ, ଶିକ୍ଷୟିତ୍ରୀ ଗୀତାଞ୍ଜଳି ମଙ୍ଗରାଜ, ଉପାସନା ମହାନ୍ତି ସହ ଗ୍ରାମ୍ୟ ପରିଚାଳନା କମିଟି, ବିଦ୍ୟାଳୟ ପରିଚାଳନା କମିଟି ଶିକ୍ଷକ ଅଭିଭାବକ ସମିତି, ଗ୍ରାମର ପୂର୍ବତନ ଛାତ୍ର ସଂସଦ ସହଯୋଗ କରିଥିଲେ। ପୂର୍ବରୁ ଅନୁଷ୍ଠିତ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ସଂଗୀତ, କୁଇଜ, ସୃଜନଶୀଳ, ବକ୍ତୃତା, ସାଂସ୍କୃତିକ କାର୍ଯ୍ୟକ୍ରମ, ପି ଏମ ପୋଷଣ, ଓ ମୁଖ୍ୟମନ୍ତ୍ରୀ ପୋଷଣ, ଶିଳ୍ପ କଳା, ଚିତ୍ର କଳା ପ୍ରତିଯୋଗିତା ର କୃତି ଛାତ୍ର ଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ସାର୍ଟିଫିକେଟ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଧର୍ମଶାଳାରେ ମିଳିତ ଅଭିଯୋଗ ଶୁଣାଣି:୧୦୧ମାମଲା ପଞ୍ଜିକୃତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣୀ ଶିବିର ସୋମବାରଦିନ ଧର୍ମଶାଳାବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଓ ଜିଲ୍ଲା ଏସପି ଏସ ପ୍ରତାପ ଶ୍ରୀମଲ ଯୋଗଦେଇ ଅଭିଯୋଗର ଶୁଣାଣୀ କରିଥିଲେ। ମୋଟ ୧୦୧ଟି ଅଭିଯୋଗ ମଧ୍ୟରୁ ୩୯ଟି ବ୍ୟକ୍ତିଗତ,ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ସହାୟତା,ସ୍ୱାସ୍ଥ୍ୟଗତ ଅଭିଯୋଗ ଗ୍ରହଣ କରାଯାଇଥିବାବେଳେ ୮୬ହଜାର ଟଙ୍କା ସହାୟତା ରେଡ଼କ୍ରସ ପାଣ୍ଠିରୁ ଦିଆଯାଇଛି। ଅନ୍ୟ ୨ଟି ସମୂହ ଅଭିଯୋଗର ସମାଧାନ ପାଇଁ ସୁପାରିଶ ହୋଇଛି । ଏହି ଶୁଣାଣୀରେ ଯାଜପୁର ଜିଲ୍ଲା ନିର୍ବାହୀ ଅଧିକାରୀ ଦେବି ପ୍ରସାଦ ମହାନ୍ତି, ଯୁଧିଷ୍ଠିର ନାୟକ ଏଡିଏମ, ଯାଜପୁର,ସାରସ୍ୱତ ସାହୁ ଡେପୁଟି କଲେକ୍ଟର, ଉପଜିଲ୍ଲାପାଳ ତାପସରଞ୍ଜନ ଦେହୁରୀ ଜିଲ୍ଲାସ୍ୱାସ୍ଥ୍ୟ ଅଧିକାରୀ ନଗେନ୍ଦ୍ର ନାଥ ମହାପାତ୍ର, ଧର୍ମଶାଳା ତହସିଲଦାର ସମୀର ରଞ୍ଜନ ଦାସ, ବିଡ଼ିଓ ଜ୍ୟୋତିର୍ମୟକର, ଥାନା ଅଧିକାରୀ ଚିନ୍ମୟୀ ସାହୁ ଉପସ୍ଥିତଥିଲେ। ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ ବ୍ଲକଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ବ୍ଲକ ପରିସରରେ ସେବା ସେତୁ ଅଭିଯାନ ଅନୁଷ୍ଠିତ ହୋଇଯାଇଛି ।ସାଧାରଣ ଲୋକଙ୍କ



ସେବା ପାଇଁ ବିଭିନ୍ନ ବିଭାଗପକ୍ଷରୁ ଷ୍ଟଲ ମାନ ଖୋଲା ଯାଇଥିଲା। ବଡ଼ଚଣା,ରସୁଲପୁର ଓ ଧର୍ମଶାଳା ବ୍ଲକର ପାଇଁ ଅନୁଷ୍ଠିତ ଷ୍ଟଲରେ ସାଧାରଣ ଲୋକ ମାନେ ନିଜର ଅଭିଯୋଗ ପଞ୍ଜିକୃତ କରିପାରିବେ। ପ୍ରଚଣ୍ଡ ଖରାରେ ଜିଲ୍ଲାପାଳ ନିଜେ ଷ୍ଟଲ ଗୁଡ଼ିକ ଗୋଟିଗୋଟି ପରିଦର୍ଶନ କରିଥିଲେ। ପ୍ରଚାର ଅଭାବରୁ ଷ୍ଟଲରେ ଲୋକସଂଖ୍ୟା କମ ଥିଲା।

# ମାଗଣା ସ୍ୱାସ୍ଥ୍ୟସେବାର ସାମାଜିକ ଉପାଦେୟତା ଉପରେ ଆଲୋକପାତ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ଗାୟତ୍ରୀ ଶକ୍ତି ପୀଠ ରମ୍ଭା ଠାରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ଗଞ୍ଜାମ ବ୍ଲକ୍ ଅବସର ପ୍ରାପ୍ତ କର୍ମଚାରୀ ସଙ୍ଘ ଓ ଏବିଲିଟି ଇଣ୍ଡିଆ ଚାରିଟେବୁଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରମ୍ଭା ଥାନା ଅଧିକାରୀ କୁମର ମୁଦୁଲି ଯୋଗ ଦେଇ ଥିବା ବେଳେ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସମାଜ ସେବୀ ରମ୍ଭା ଏନ୍ ଏ ସି ନଗର ପାଳ ସୁବାସ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ରମ୍ଭା ଏନ୍ ଏ ସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶା ରଚମାଳା ଓ ପ୍ରାକ୍ତନ ଅଧ୍ୟକ୍ଷ ପ୍ରସନ୍ନ ମିଶ୍ର ଯୋଗଦେଇ ଏହି କାର୍ଯ୍ୟକ୍ରମର ସାମାଜିକ ଉପାଦେୟତା ଉପରେ ଆଲୋକପାତ କରି ଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକୃତି ବନ୍ଧୁ ବିଜୟ କୁମାର ବିଶ୍ୱାଳ ଅତିଥି ମାନଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଉକ୍ତ ସଭାରେ ସଂଘର ସଭାପତି ବାନାମ୍ବର ପଲେଇ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ବାଳକୃଷ୍ଣ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ବ୍ରହ୍ମପୁର ଏମ୍ କେ ସି ଜି ହସ୍ପିଟାଲ୍ ର ଡ଼ ସୁଦୀପ ମହାନ୍ତି, ଟେକ୍ନିସିଆନ୍ ତ୍ରିଲୋଚନ ଜେନା, ହରେକୃଷ୍ଣ ମିଶ୍ର, ବିବେକାନନ୍ଦ ସାହୁ ପ୍ରମୁଖ ତଥା ଅନ୍ୟାନ୍ୟ ମେଡିକାଲ କର୍ମଚାରୀ ଦଳ ଯୋଗ ଦେଇ ପ୍ରାୟ ଷାଠିଏରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଯଥା ରକ୍ତ ଚାପ,ରକ୍ତ ଶର୍କରା, ଇ ସି ଜି ପରୀକ୍ଷା ସହ ଆବଶ୍ୟକୀୟ ଔଷଧ ସେବନ ଚିଠା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଶିଷ୍ଟ ସମାଜସେବୀ ପୂର୍ଣ୍ଣ ଚନ୍ଦ୍ର ପଣ୍ଡା,ରାମ ଚନ୍ଦ୍ର ବାଡତ୍ୟା,କୋଷାଧ୍ୟକ୍ଷ ଭଗବାନ ଦାଶ,ଉମେଶ ମହାନ୍ତି, ଅଶୋକ ସାହୁ,ସୁଦର୍ଶନ ସାହୁ, ଲମ୍ବୋଦର ମହାନ୍ତି, ପଞ୍ଚାନନ ଖଟୁଆ,ଉମାକାନ୍ତ ସାହୁ, ଦେବାଶିଷ ବେହେରା, ଗଣେଶ ଚନ୍ଦ୍ର ବେହେରା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।



# ପ୍ରଧାନମନ୍ତ୍ରୀଙ୍କୁ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଦାବିପତ୍ର

**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡାଅବସର ପ୍ରାପ୍ତ ସରକାରୀ କର୍ମଚାରୀସଂଘ ପକ୍ଷରୁ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ମାନ୍ୟବର ନରେନ୍ଦ୍ରମୋଦୀଙ୍କ ଉଦ୍ଦେଶ୍ୟରେ ଏକ ୧୨ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଦିଆଯାଇଥିବା ୧୨ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିଗୁଡିକ ମଧ୍ୟରୁ ପୁରୁଣା ପେନସନ୍ ଲାଗୁକରିବା, ୨୦୨୫ ମାର୍ଚ୍ଚରେ ସମ୍ବିଧାନ ସଂଶୋଧନ ଆଇନକୁ ବାତିଲ୍ କରିବା, ୨୦୨୬ ପୂର୍ବରୁ ଅବସର ନେଇଥିବା ସମସ୍ତ କର୍ମଚାରୀଙ୍କୁ ପେନସନ୍ ପ୍ରଦାନ କରିବା, ଅଷ୍ଟମବେତନ କମିଶନ ରିପୋର୍ଟ ପ୍ରଦାନରେ ବିଳମ୍ବ ହେତୁ ସମସ୍ତଙ୍କୁ ମଧ୍ୟବର୍ତ୍ତୀ କାଳୀନ ସାହାଯ୍ୟ ଦେବା, କର୍ମଚାରୀମାନଙ୍କୁ ୫୦ ପ୍ରତିଶତମୂଳ ଦରମାରେ ମିଶାଇବା ଆଦି ୧୨ ଦଫା ଦାବିଗୁଡିକ ରହିଛି।କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ ସମୟରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଚଉଦ କୁଳାଟର ସମ୍ପାଦକ କେଶବଚନ୍ଦ୍ର ବିଶ୍ୱାଳ, ସଭାପତି ଗୌରାଙ୍ଗଚନ୍ଦ୍ର ଦାସ, ନିତ୍ୟାନନ୍ଦ ମିଶ୍ର, ନବକିଶୋର ଦାସ, ରତ୍ନାକର ଦାସ, ଦିବାକର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# 'ପାଠପଢ଼ା ପରେ ଛାତ୍ରଛାତ୍ରୀମାନେ ନିଜକୁ ଆତ୍ମନିର୍ଭରଶୀଳ କରିବା ପାଇଁ ପରାମର୍ଶ'

**କେନ୍ଦ୍ରାପଡା , ନ୍ୟୁଜ୍ ବ୍ୟୁରୋ**

ତୁଳସୀ ମହିଳା ମହାବିଦ୍ୟାଳୟ ପରିସରରେ ସ୍ୱଦେଶୀ ଜାଗରଣ ମଞ୍ଚ ଆନୁକୂଲ୍ୟରେ ସ୍ୱାବଲମ୍ବୀ ଭାରତ ଅଭିଯାନ ପରିପ୍ରେକ୍ଷୀରେ 'ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ' ଅନୁଷ୍ଠିତ ହେଇଯାଇଛି। ଏହି କାର୍ଯ୍ୟକ୍ରମରେ କଲେଜର ଅଧକ୍ଷା ଡ଼ ବାସନ୍ତୀ ଶୁକ୍ଲାଙ୍କ ସଭାପତିତ୍ୱରେ ଅଭିଯାନର ଜିଲ୍ଲା ସମନ୍ୱୟକ ଅଭିମନ୍ୟୁ ଗୋଛାୟତ, ମହାବିଦ୍ୟାଳୟର କ୍ୟାରିଅର କାଉଁସେଲିଙ୍ଗ ସଂଯୋଜକ ଶକ୍ତି ଶେଖର ଦାସ , ଜିଲ୍ଲାର ଯୁବ



ଉଦ୍ୟୋଗୀ ଅକ୍ଷୟ କୁମାର ଦାସ, ଅଶ୍ୱିନୀ କୁମାର ବେହେରା, ବିଭୂତି ଭୂଷଣ ଦାସ, ଚିନ୍ମୟୀ ପଣ୍ଡା ଏବଂ ପୂର୍ଣ୍ଣକାଳୀନ ରଶ୍ମିରଂଜନ ସେଠୀ ଉପସ୍ଥିତ ରହି ସମସ୍ତ ଯୁବସମାଜ ବିଶେଷ କରି ଛାତ୍ରୀମାନେ ପାଠପଢ଼ା ପରେ କେବଳ ସରକାରୀ ଚାକିରୀ ପଛରେ ନ ଧାଇଁ ନିଜକୁ ଆତ୍ମନିର୍ଭରଶୀଳ ହୋଇ ଅର୍ଥ ଉପାର୍ଜନ କରିବାର ପନ୍ଥା ଅବଲମ୍ବନ କରିବା ପାଇଁ ପରାମର୍ଶ ଦେଇଥିଲେ। ସରକାର ମହିଳା ସଶକ୍ତିକରଣ ପାଇଁ ବିଶେଷ ଧ୍ୟାନ ଦେଉଛନ୍ତି। ମହିଳାମାନେ ରୋଜଗାରକ୍ଷମ ହେଲେ ପରିବାରର ଆର୍ଥିକ ସ୍ଥିତି ସୁଦୃଢ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ ଭାରତବର୍ଷକୁ ୨୦୪୭ ମସିହା ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ରୂପେ ଗଢି ତୋଳିବାକୁ ହେଲେ ସମସ୍ତ ଦେଶବାସୀ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରିବା ସହ ଆତ୍ମ ନିର୍ଭର ଭାରତ ଓ 'ଭୋକାଲ ଫର ଲୋକାଲ ' ମାଧ୍ୟମରେ ଦେଶୀୟ ବସ୍ତୁର ଆଦର ଓ ପ୍ରୋତ୍ସାହନ ବଢାଇବା ସହ ଯୁବ ସମାଜକୁ ଆତ୍ମନିର୍ଭରଶୀଳ ହେବାକୁ ପଡିବ ଯାହାଦ୍ୱାରା ଦେଶର ଅର୍ଥନୀତିରେ ବ୍ୟାପକ ପରିବର୍ତ୍ତନ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଜିଏସ୍‌ଟି ନିୟମରେ ହେବ ସଂଶୋଧନ

ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ପରିଷଦ ପରୋକ୍ଷ ଟିକସ ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ ଆଣିବାକୁ ଯାଉଛି। ପ୍ରସ୍ତାବିତ ଜିଏସ୍‌ଟି ୨.୦ ଅଧିନରେ ଟିକସ ଅଧିକାରୀଙ୍କ ନିକଟରେ ସିଧାସଳଖ ଗିରଫ କ୍ଷମତାକୁ ପ୍ରତ୍ୟାହାର କରାଯିବାର ସମ୍ଭାବନା ରହିଛି । ଏହା ପରିବର୍ତ୍ତେ କୌଣସି ବ୍ୟକ୍ତିଙ୍କୁ ଗିରଫ କରିବାକୁ ହେଲେ ଅଦାଲତଙ୍କ ଆଦେଶକୁ ବାଧ୍ୟତାମୂଳକ କରିବା ଜିଏସ୍‌ଟି ପରିଷଦ ବିଚାର କରୁଛି । ଏହା ସହ କ୍ରିମିନାଲ ପ୍ରସେକ୍ୟୁସନ ବା ଅପରାଧିକ ମାମଲା ରୁଜୁ କରିବାକୁ ୫ କୋଟି ଟଙ୍କାର କାରବାର ସୀମା ନିର୍ଦ୍ଧାରଣ କରିବାକୁ ପ୍ରସ୍ତାବ ରହିଥିବା ପ୍ରକ୍ରିୟା ସହ ଜଡିତ ୨ ଜଣ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ବର୍ତ୍ତମାନ ଜିଏସ୍‌ଟି ଅଧିକାରୀମାନେ ଟିକସ ଚୋରି ଅଭିଯୋଗରେ ନିଜସ୍ୱ ନିଷ୍ପତ୍ତି ଆଧାରରେ କୌଣସି ବ୍ୟକ୍ତି ବିଶେଷଙ୍କୁ ସିଧାସଳଖ ଗିରଫ କରିପାରୁଛନ୍ତି । କିନ୍ତୁ ନୂଆ ପ୍ରସ୍ତାବ ଅନୁଯାୟୀ ଅଧିକାରୀମାନେ ଆଉ ସିଧାସଳଖ କୌଣସି ଟିକସଦାତାଙ୍କୁ ଗିରଫ କରିପାରିବେ ନାହିଁ । ଯଦି କୌଣସି ଗୁରୁତର ମାମଲା ସାମ୍ନାକୁ ଆସେ ତେବେ ବ୍ୟକ୍ତିଙ୍କୁ ଗିରଫଦାରୀ ପାଇଁ ଅଧିକାରୀମାନଙ୍କୁ ନ୍ୟାୟାଳୟରୁ ଆନୁଷ୍ଠାନିକ ଆଦେଶ କିମ୍ବା ୱାରେଣ୍ଟ ହାସଲ କରିବାକୁ ହେବ । ଏହାଦ୍ୱାରା ଅଧିକାରୀଙ୍କ ସ୍ୱେଚ୍ଛାଚାରୀ କାମ ଉପରେ ରୋକ ଲଗାଯାଇପାରିବ। ଆଗକୁ କେବଳ ସେହିସବୁ ମାମଲାରେ କୋର୍ଟରେ ମାମଲା ରୁଜୁ ହେବ ଯାହାର ଟିକସ ଫାଙ୍କି କିମ୍ବା ଅନିୟମିତତା ୫ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହୋଇଥିବ । ୫ କୋଟି ଟଙ୍କାରୁ କମ୍ ରାଶି ଉପରେ ମାମଲା ଗୁଡିକୁ ଆପରାଧିକ କୋର୍ଟ ମାମଲା ପରିସର ବାହାରେ ରଖାଯିବ । ଅନେକ ସମୟରେ ଜିଏସ୍‌ଟି ଆଇନରେ ବ୍ୟାଖ୍ୟା, ଟିକସ ଗଣନା କିମ୍ବା ନିୟମ ସମ୍ପର୍କିତ ମତଭେଦ ଯୋଗୁ ଟିକସଦାତା ଏବଂ ଅଧିକାରୀଙ୍କ ମଧ୍ୟରେ ବିବାଦ ଦେଖାଯାଇଥାଏ । ଏଭଳି ସାଧାରଣ ଟିକସ ବିବାଦଗୁଡିକ ପାଇଁ ଆଉ କ୍ରିମିନାଲ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ । ଏସବୁକୁ ସିଭିଲ ପେନାଲ୍ଟି ବା ଦେୱାନି ଜରିମାନା ଏବଂ ପ୍ରଶାସନିକ ନିୟମାବଳୀ ଜରିଆରେ ସମାଧାନ କରାଯିବ । ଏହି ନୂଆ ନିୟମର ଉଦ୍ଦେଶ୍ୟ ହେଉଛି ଦେଶରେ ଟିକସଦାତାଙ୍କ ଅଧିକାର ସୁରକ୍ଷା ଏବଂ ଇଜ୍ ଅଫ୍ ଡୁଇଂ ବିଜ୍‌ନେସ ବା ବାଣିଜ୍ୟିକ ବାତାବରଣକୁ ଉନ୍ନତ କରିବା । ଅନେକ ସମୟରେ ସାଧାରଣ ଭୁଲ କିମ୍ବା ବ୍ୟାଖ୍ୟାଗତ ପାର୍ଥକ୍ୟ ଲାଗି ଟିକସଦାତାଙ୍କ ମଧ୍ୟରେ ଗିରଫଦାରୀ କିମ୍ବା ଅପରାଧିକ କାର୍ଯ୍ୟାନୁଷ୍ଠାନ ଭୟ ରହୁଥିଲା । ଏହି ନୂଆ ସଂସ୍କାର ଦ୍ୱାରା ଟିକସଦାତା ମାନେ ଆବଶ୍ୟକୀୟ ଅଦାଲତି ମାମଲା ଏବଂ ଗିରଫଦାରୀରୁ ରକ୍ଷା ପାଇବେ । ଏହା ଦେଶରେ ଇଜ୍ ଅଫ୍ ଡୁଇଂ ବିଜ୍‌ନେସକୁ ପ୍ରୋତ୍ସାହିତ କରିବ ।

# ଭାରତର ପରମାଣୁ ଅସ୍ତ୍ର ବିଷୟରେ ଆମେରିକାର ସମୀକ୍ଷା ରିପୋର୍ଟ



ଡାକ୍ତର ରାଜକିଶୋର ପଣ୍ଡା
ଭୁବନେଶ୍ୱର
ମୋବାଇଲ ନଂ- ୮୧୪୪୦୪୨୯୯୭

ନୂଆଦିଲ୍ଲୀରେ ଅଠରତମ ବ୍ରିକ୍ସ ସମ୍ମିଳନୀ (୧୨-୧୩ ସେପ୍ଟେମ୍ବର)ର ଆୟୋଜନ ପୂର୍ବରୁ ସେପ୍ଟେମ୍ବର ନଅ ତାରିଖ ୨୦୨୬ ରେ ଆମେରିକାର ଏକ ରିପୋର୍ଟରେ ଦାବି କରାଗଲା ଯେ ଭାରତ ଅତିକମ୍‌ରେ ତିରିଶଟି ପରମାଣୁ ୱାର ହେଡ୍ (War head), ଏହାର ନୂତନ ନିର୍ମାଣଧୀନ ମିସାଇଲ୍‌ମାନଙ୍କରେ ସଂଯୋଗ କରିଛି। ଯାହା ଫଳରେ ତା'ର ପରମାଣୁ ଶକ୍ତି ସମ୍ପନ୍ନ ରକେଟ୍ ବା ମିସାଇଲର ସଂଖ୍ୟା ଯାହା ପୂର୍ବରୁ ଥିଲା ଏକଶହ ଷାଠିଏ, ବର୍ତ୍ତମାନ ବୃଦ୍ଧି ପାଇ ଏକଶହ ନବେରେ ପହଞ୍ଚିଛି।

ୱାର ହେଡ୍ କହିଲେ ଆମେ ବୁଝିବା କୌଣସି ରକେଟ୍ ବା ମିସାଇଲ୍‌ର ବିସ୍ଫୋରକ ପଦାର୍ଥ ଥିବା ଅଂଶ। ଆମେରିକାର ଏକ ଅଣଲାଭଦାୟକ ପଲିସୀ ଥିଙ୍କ୍-ଟ୍ୟାଙ୍କ୍ ଦ୍ୱାରା ପ୍ରସ୍ତୁତ ଏହି ରିପୋର୍ଟଟିର ପ୍ରକାଶନ ସମୟକୁ ମଧ୍ୟ ଆମେ ଅଣଦେଖା କରିପାରିବା ନାହିଁ। ବ୍ରିକ୍ସ ଜରିଆରେ ଚୀନ, ଋଷ୍ ଓ ଇରାନଙ୍କର ତ୍ରିଶକ୍ତି ନୂଆ ବିଶ୍ୱ ବ୍ୟବସ୍ଥା ସ୍ଥାପନ କରିବା ପାଇଁ ଉଦ୍ୟମରତ ଅଛନ୍ତି, ଯାହାକୁ ଆମେରିକାର ଏକନାୟକତ୍ୱର ବିକଳ୍ପ ଭାବରେ ଦେଖାଯାଉଛି। ବ୍ରିକ୍‌ସର ପ୍ରୟାସ ହେଉଛି କି ସେ ନିଜର ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଏକ କ୍ରସ୍ ବର୍ଡ଼ର ପେମେଣ୍ଟ ବ୍ୟବସ୍ଥାର ଆରମ୍ଭ କରୁ ଯେଉଁଥିରେ ଡିଜିଟାଲ୍ ପେମେଣ୍ଟ ସିଷ୍ଟମ୍ ଓ ସେଣ୍ଟ୍ରାଲ୍ ବ୍ୟାଙ୍କ ଡିଜିଟାଲ୍ କରେନ୍‌ସିଜ୍ (ସି.ବି.ଡି.ସି) ମଧ୍ୟରେ ଏକ ସମନ୍ୱୟ ରହିପାରିବ। ପାଠକମାନଙ୍କର ଗୋଚରାର୍ଥେ ମୁଁ ଏଠାରେ ଡିଜିଟାଲ୍ ପେମେଣ୍ଟ ସିଷ୍ଟମ୍ ଓ ସି.ବି.ଡି.ସି ଉପରେ କିଞ୍ଚିତ୍ ତଥ୍ୟ ପ୍ରଦାନ କରୁଛି। ଡିଜିଟାଲ ପେମେଣ୍ଟ୍ ସିଷ୍ଟମ୍‌ରେ ୟୁପିଆଇ (ଫୋନ୍ ପେ, ଗୁଗୁଲ୍ ପେ, ଏ.ଟି.ଏମ୍ କାର୍ଡ୍, ନେଟ୍ ବ୍ୟାଙ୍କିଙ୍ଗ୍) ଆଦି ଅନ୍ତର୍ଭୁକ୍ତ। ସେହିପରି ସି.ବି.ଡି.ସି କେନ୍ଦ୍ରୀୟ ବ୍ୟାଙ୍କ୍ (R.B.I) ଦ୍ୱାରା ନିୟନ୍ତ୍ରିତ ଡିଜିଟାଲ୍ କ୍ୟାସ୍ ଅଟେ।

ଡିଜିଟାଲ୍ ପେମେଣ୍ଟ ସିଷ୍ଟମ୍ ଏକ ପ୍ଲାଟ୍‌ଫର୍ମ ଭଳି ଯିଏ ବ୍ୟାଙ୍କ ଆକାଉଣ୍ଟ ଗୁଡ଼ିକ ମଧ୍ୟରେ ପଇସା କାରାବାର କରିଥାଏ। ସି.ବି.ଡି.ସି କିନ୍ତୁ ନିଜେ ହିଁ ପଇସା ଅଟେ। ଏହି ଦୁଇ ବ୍ୟବସ୍ଥା ମଧ୍ୟରେ ଲିଙ୍କ୍ ସ୍ଥାପନ ଉଦ୍ଦେଶ୍ୟରେ ଆଲୋଚନା ପାଇଁ ସମ୍ମିଳନୀ ପୂର୍ବରୁ ୧୨-୧୩ ଅଗଷ୍ଟ ୨୦୨୬ ରେ ବ୍ରିକ୍ସ ରାଷ୍ଟ୍ରର ଅର୍ଥମନ୍ତ୍ରୀ ଓ କେନ୍ଦ୍ରୀୟ ବ୍ୟାଙ୍କ୍‌ର ପ୍ରତିନିଧିବୃନ୍ଦ ଜୟପୁରରେ ଏକାଠି ହୋଇଥିଲେ। ଯଦି ଏହି ବ୍ୟବସ୍ଥାଟି ଲାଗୁ ହୋଇପାରିବ ତେବେ ବୈଶ୍ୱିକ ବାଣିଜ୍ୟରେ ଡଲାରର ମହତ୍ତ୍ୱ ଗୁରୁତର ଭାବରେ ହ୍ରାସ ପାଇବ। ଆମେରିକା ଏହା କଦାପି ଚାହିଁବ ନାହିଁ। କେବଳ ଏଇଥିପାଇଁ ଟ୍ରମ୍ପ ବ୍ରିକ୍ସକୁ ଧମକ ଦେଇଛନ୍ତି ଓ କହିଛନ୍ତି, ଯେ ଯଦି ବ୍ରିକ୍ସର ରାଷ୍ଟ୍ରମାନେ ଡଲାରର ମୁକାବିଲା କରିବା ପାଇଁ କୌଣସି ପ୍ରତିଦ୍ୱନ୍ଦ୍ୱୀ ମୁଦ୍ରାର ବ୍ୟବସ୍ଥା କରନ୍ତି, ତେବେ ଆମେରିକା ସଂପୃକ୍ତ ଦେଶମାନଙ୍କ ଉପରେ ଶହେ ପ୍ରତିଶତ ଟିକସ ଲଗାଇବ। ଆଜି ପର୍ଯ୍ୟନ୍ତ ନୂଆଦିଲ୍ଲୀ, ଆମେରିକାକୁ ଅସନ୍ତୁଷ୍ଟ କରିବା ପାଇଁ ଚାହୁଁନଥିଲା। ତେଣୁ ବ୍ରିକ୍‌ସର ଅଧ୍ୟକ୍ଷ ହୋଇଥିବା ସତ୍ତ୍ୱେ ଭାରତ, ଆମେରିକା ଓ ଇସ୍ରାଏଲ ଦ୍ୱାରା ଅଠେଇଶ ଫେବୃୟାରୀ ୨୦୨୬ ରେ ଇରାନ ଉପରେ କରାଯାଇଥିବା ଆକ୍ରମଣର ଆନୁଷ୍ଠାନିକ ଭାବେ ବିରୋଧ କରିନଥିଲା। କିନ୍ତୁ ବର୍ତ୍ତମାନ ପରିସ୍ଥିତି ବଦଳିଯାଇଛି। ଏଇ ନିକଟରେ ବିଶ୍‌କେକ୍ (କିରଗିଜ୍‌ସ୍ଥାନ) ରେ ଆୟୋଜିତ ହୋଇଥିବା ଏସ୍.ସି.ଓ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଋଷ୍ ରାଷ୍ଟ୍ରପତି ପୁଟିନ୍ ଓ ଇରାନ୍ ରାଷ୍ଟ୍ରପତି ମାସୁଦ୍ ପେଜେସ୍କିଆନ୍‌ଙ୍କୁ ସାକ୍ଷାତ୍ କରି ଯୁକ୍ତରାଷ୍ଟ୍ରକୁ ସ୍ପଷ୍ଟ ସଙ୍କେତ ଦେଲେ କି ଭାରତ ପାଖରେ ନୂଆ ବୈଶ୍ୱିକ ମଞ୍ଚରେ ସାମିଲ୍ ହେବାର ସମସ୍ତ ବିକଳ୍ପ ଖୋଲା ରହିଛି। ଏହି ସଙ୍କେତ ଏଥିପାଇଁ ମଧ୍ୟ ମହତ୍ତ୍ୱପୂର୍ଣ୍ଣ କାରଣ ଦୀର୍ଘ ସାତବର୍ଷ ପରେ ଚୀନ୍‌ର ରାଷ୍ଟ୍ରପତି ସିଜିନ୍‌ପିଙ୍ଗ୍ ନିଜର ସତଷଠି ସଦସ୍ୟ ବିଶିଷ୍ଟ ସରକାରୀ ଦଳ, ଯେଉଁଥିରେ ଜିନ୍‌ପିଙ୍ଗ୍‌ଙ୍କର ଅତି ବିଶ୍ୱସନୀୟ "କାଇ ଚି" (ସିପିସି ପଲିଟ୍ ବ୍ୟୁରୋର ସଦସ୍ୟ ଓ ବିଦେଶ ମନ୍ତ୍ରୀ ୱାଙ୍ଗ୍ ୱି ସାମିଲ ଅଛନ୍ତି)କୁ ନେଇ ଭାରତ ଆସିଛନ୍ତି। ଚୀନର ବାଣିଜ୍ୟ ସମ୍ପର୍କିତ ଦଳ ଅଲଗା ଭାବରେ ଆସୁଛି।

ଆମେରିକାର ଭାରତର ପରମାଣୁ ଅସ୍ତ୍ର ସମ୍ପର୍କିତ ନଗଦ ରିପୋର୍ଟ ଓ ଏହାକୁ ଜାରି କରିବାର ସମୟକୁ ଏକ ବିଶେଷ ପୃଷ୍ଠଭୂମିରେ ବୁଝିବାର ଆବଶ୍ୟକତା ରହିଛି। କାରଣ ଆମେରିକା ଇରାନ୍ ଉପରେ ଆକ୍ରମଣ ଏହା କହି କରିଥିଲା କି, ସେ ଇରାନ୍‌କୁ ପରମାଣୁ ଅସ୍ତ୍ର ନିର୍ମାଣ କରିବାକୁ ଦେବନାହିଁ, ଯେତେବେଳେ କି ବର୍ତ୍ତମାନ ସମୟରେ ଏହି ଦିଶାହୀନ ଯୁଦ୍ଧ ତୈଳ ଉପରେ ନିୟନ୍ତ୍ରଣ ଜନିତ ସଂଘର୍ଷରେ ବଦଳିଯାଇଛି, ଯାହାଦ୍ୱାରା ଅଶୋଧିତ ତୈଳର ମୂଲ୍ୟ ବ୍ୟାରେଲ୍ ପିଛା ଶହେ ଡଲାରକୁ ଅତିକ୍ରମ କରିଗଲାଣି।

"ଭାରତର ପରମାଣୁ ଅସ୍ତ୍ର-୨୦୨୬" ନାମକ ରିପୋର୍ଟଟି ନଅ ସେପ୍ଟେମ୍ବର ୨୦୨୬ ରେ ପ୍ରକାଶିତ ହୋଇଛି। ଏଥିରେ କୁହାଯାଇଛି, "ଭାରତ ନିଜର ପରମାଣୁ ଶସ୍ତ୍ରାଗାରର ଆଧୁନିକୀକରଣକୁ ଜାରି ରଖି, ଏହି କିଛି ବର୍ଷରେ ଅନେକଗୁଡ଼ିଏ ନୂଆ ଅସ୍ତ୍ର ବ୍ୟବସ୍ଥା ମୁତୟନ କରିଛି। ଅନେକକୁ ବିକଶିତ କରିଛି, ଏହି ବିକଶିତ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ ଅଛି ପରମାଣୁ ଶକ୍ତି ସମ୍ପନ୍ନ ଏୟାରକ୍ରାଫଟ୍, ଜଳ ଆଧାରିତ ବ୍ୟବସ୍ଥା ଓ ସ୍ଥଳ ଆଧାରିତ ବ୍ୟବସ୍ଥାର ଉନ୍ନତିକରଣ। ଆମର ଅନୁମାନ ହେଉଛି କି ଭାରତ ୧୪୦ ରୁ ୨୨୫ ୱାରହେଡସ୍ ପାଇଁ ପର୍ଯ୍ୟାପ୍ତ ମାତ୍ରାରେ ସାମରିକ ପ୍ଲୁଟୋନିୟମ୍ ଉତ୍ପାଦନ କରିସାରିଲାଣି ଓ ସେ ଏକଶହ ନବେ ପର୍ଯ୍ୟନ୍ତ ୱାରହେଡସ୍ ମଧ୍ୟ ନିର୍ମାଣ କରିସାରିଲାଣି।" ଏହି ରିପୋର୍ଟଟିର ଗବେଷଣା ବିଷୟକ କାର୍ଯ୍ୟ ଓ ଲିଖନ ପ୍ରକ୍ରିୟା "ଫେଡେରେସନ୍ ଅଫ୍ ଆମେରିକନ୍ ସାଇଣ୍ଟିଷ୍ଟସ୍ ନ୍ୟୁକ୍ଲିୟାର ଇନଫରମେସନ୍ ପ୍ରୋଜେକ୍ଟର କର୍ମଚାରୀମାନେ କରିଛନ୍ତି।" ସେମାନେ ଏହି ରିପୋର୍ଟରେ ଆହୁରି ମଧ୍ୟ ଲେଖିଛନ୍ତି କି, ଆମେ ଅନୁମାନ କରୁଛୁ କି, ଭାରତ ବର୍ତ୍ତମାନ ସମୟରେ ନଅଟି ଅଲଗା ଅଲଗା ପରମାଣୁ ସକ୍ଷମ ବ୍ୟବସ୍ଥାକୁ ପରିଚାଳିତ କରୁଛି। ଏଥିରେ ଦୁଇ ଏୟାର୍‌କ୍ରାଫଟ୍, ଛଅ ଭୂମି ଆଧାରିତ ବାଲିଷ୍ଟିକ୍ ମିସାଇଲ୍ ଓ ଏକ ସମୁଦ୍ର ଆଧାରିତ ବାଲିଷ୍ଟିକ୍ ମିସାଇଲ୍ ଅନ୍ତର୍ଭୁକ୍ତ। ଅତିକମ୍‌ରେ ଦୁଇଟି ଅତିରିକ୍ତ ବ୍ୟବସ୍ଥାକୁ ବିକଶିତ କରାଯାଉଛି ଯାହା ସମ୍ପୂର୍ଣ୍ଣ ହୋଇଗଲେ ଏହି କିଛି ବର୍ଷ ମଧ୍ୟରେ ସେନାବାହିନୀକୁ ପ୍ରଦାନ କରାଯିବ।

ସାମରିକ ପ୍ଲୁଟୋନିୟମ୍ ଯାହାକୁ ଇଂରାଜୀରେ କୁହାଯାଏ "ମିଲିଟାରୀ ପ୍ଲୁଟୋନିୟମ୍" ବୁଝାଇଥାଏ ପ୍ଲୁଟୋନିୟମ୍-୨୩୯ ବୋଲି ଏକ ଆଇସୋଟୋପ୍‌କୁ। ଏହାକୁ ବ୍ୟବହାର କରାଯାଇଥାଏ, ଆଣବିକ ଅସ୍ତ୍ରର ନିର୍ମାଣରେ କାରଣ ଅତି ମାତ୍ରାରେ ବିପଜ୍ଜନକ "ଚେନ୍-ରିଆକସନ୍"କୁ ସୃଷ୍ଟି କରିବାରେ ଏହା ସହାୟକ ହୋଇଥାଏ। ସୂଚନାଯୋଗ୍ୟ ଯେ ଭାରତ ନିଜର ପରମାଣୁ ଅସ୍ତ୍ର ବିଷୟରେ କୌଣସି ତଥ୍ୟ ବା ସଂଖ୍ୟା ପ୍ରକାଶ କରେନାହିଁ।

ଆମେରିକାର ରିପୋର୍ଟରେ ଯେଉଁ ସମୀକ୍ଷା କରାଯାଇଛି ତାହା ମୁଖ୍ୟତଃ ଅନୁମାନ ଉପରେ ହିଁ ଆଧାରିତ। ଏହି ଅନୁମାନ ଭିତ୍ତିକ ତଥ୍ୟ ସଂଗ୍ରହ ପ୍ରାୟତଃ କରାଯାଇଛି ରାଜ୍ୟମାନଙ୍କରୁ ବାହାରୁଥିବା ଡାଟା ଯେପରିକି ସରକାରୀ ବକ୍ତବ୍ୟ, ଡିକ୍ଲାସିଫାଏଡ୍ ଡକ୍ୟୁମେଣ୍ଟ (ଗୋପନୀୟ ତାଲିକାରୁ ବାଦ୍ ପଡୁଥିବା ଦସ୍ତାବିଜ), ବେସରକାରୀ ରିପୋର୍ଟ (ମିଡିଆ ରିପୋର୍ଟ, ଥିଙ୍କ୍ ଟ୍ୟାଙ୍କ୍ ସମୀକ୍ଷା, କମର୍ସିଆଲ୍ ସାଟେଲାଇଟ୍ ଇମେଜେରି) ପ୍ରଭୃତି ଦ୍ୱାରା।

ରିପୋର୍ଟଟି ଦର୍ଶାଇଛି କି ଭାରତ ଦୁଇପ୍ରକାରର ଆଣବିକ ପଦାର୍ଥର ଉତ୍ପାଦନ କରୁଛି। ଗୋଟିଏ ହେଲା ଅତି ସମ୍ବର୍ଦ୍ଧିତ ୟୁରାନିୟମ୍ (Highly enriched Uranium) ଓ ଅନ୍ୟଟି ହେଉଛି ସାମରିକ ବା ମିଲିଟାରୀ ପ୍ଲୁଟୋନିୟମ୍। ଅତି ସମ୍ବର୍ଦ୍ଧିତ ୟୁରାନିୟମ୍‌ର ଉତ୍ପାଦନ ହେଉଛି, ଇନ୍ଧନର ପ୍ରସ୍ତୁତି ନିମନ୍ତେ। ରିପୋର୍ଟଟିରେ ଉଲ୍ଲେଖ ଅଛି, "ଭାରତ ନିର୍ମାଣ କରୁଥିବା ସାମରିକ ପ୍ଲୁଟୋନିୟମ୍‌ର ମୁଖ୍ୟ ସ୍ରୋତ ହେଉଛି "ଧ୍ରୁବ" ପ୍ଲୁଟୋନିୟମ୍ ପ୍ରଡକ୍ସନ ରିଆକ୍ଟର, ଯାହାକି ଅଛି ଭାବା ଆଟୋମିକ୍ ରିସର୍ଚ୍ଚ ସେଣ୍ଟରର ପରିସର ମଧ୍ୟରେ। ୨୦୧୦ ପୂର୍ବରୁ ଏହି କାର୍ଯ୍ୟ ସମ୍ପାଦନ ହେଉଥିଲା ସମାନ ସ୍ଥାନରେ ଥିବା ସି.ଆଇ.ଆର.ୟୁ.ଏସ୍ ରିଆକ୍ଟର ଦ୍ୱାରା। ଏପ୍ରିଲ୍ ୨୦୨୬ ରେ ଭାରତର ନୂତନ ୫୦୦ ମେଗାୱାଟ-ପ୍ରୋଟୋଟାଇପ୍ ଫାଷ୍ଟ ବ୍ରିଡ଼ର ରିଆକ୍ଟର କଳ୍ପକମ୍ ସ୍ଥିତ ଇନ୍ଦିରା ଗାନ୍ଧୀ ସେଣ୍ଟର ଫର୍ ଆଟୋମିକ୍ ରିସର୍ଚ୍ଚରେ କାର୍ଯ୍ୟକ୍ଷମ ହେଲା। ଏହି ରିଆକ୍ଟର ୟୁରାନିୟମ୍ ବା ଥୋରିୟମ୍‌ର ବିକିରଣ କରିଥାଏ, ପ୍ଲୁଟୋନିୟମ୍-୨୩୯ ବା ୟୁରାନିୟମ୍-୨୩୩ ର ଉତ୍ପାଦନ କରିବା ପାଇଁ।"

# ଗଣତନ୍ତ୍ରରେ ସଂଖ୍ୟାଧିକ ମତ



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୁରଭଞ୍ଜ,
ମୋ. ୯୪୩୮୨୪୮୮୫୪

'ଭୋଟ ଆମର ଶାସନ ତୁମର, ଚଳିବ ନାହିଁ ! ଚଳିବ ନାହିଁ!' ଏହା ଭାରତୀୟ ରାଜନୀତିରେ କ୍ରମେ ଅଧିକରୁ ଅଧିକ ବ୍ୟବହୃତ ହେଉଥିବା ସ୍ଲୋଗାନ। ଏହି ସ୍ଲୋଗାନର ଜନକ ପ୍ରବୀଣ ରାଜନୈତିକ ଦିଗଦର୍ଶକ ମାନ୍ୟବର କାଂଶୀରାମ। ଏହି ସ୍ଲୋଗାନ ମାଧ୍ୟମରେ ସେ ଉତ୍ତରଭାରତରେ ନିଜ ରାଜନୀତିର ସଫଳ ପ୍ରୟୋଗ କରିଥିଲେ ଓ ଉତ୍ତରପ୍ରଦେଶରେ କ୍ଷମତାକୁ ଆସିବାକୁ ସକ୍ଷମ ହୋଇଥିଲେ। ତେବେ ଏହି ସ୍ଲୋଗାନକୁ ନେଇ ଉଭୟ ସପକ୍ଷ ଓ ବିପକ୍ଷ ପ୍ରତିକ୍ରିୟା ରହିଛି। ବିପକ୍ଷବାଦୀଙ୍କ ମତରେ ଏହା ଏକ ଜାତିବାଦୀ ସ୍ଲୋଗାନ। ଜାତିକୁ ନେଇ ରାଜନୀତି କରିବାର ଏହା ଏକ ପ୍ରୟାସ। ବିଶେଷକରି ଅନୁସୂଚୀତ ଜାତିମାନେ ଏହାରି ମାଧ୍ୟମରେ ସଂଗଠିତ ହୋଇ ଉତ୍ତରପ୍ରଦେଶରେ କ୍ଷମତାକୁ ଆସିଥିଲେ। ଅନ୍ୟାନ୍ୟ ପଛୁଆବର୍ଗ ବା ଓବିସିମାନେ ଦେଖିଲେ ଏହା ଏକ ଉପାଦେୟ ସ୍ଲୋଗାନ। ତେଣୁ ଏମାନେ ମଧ୍ୟ ଏ ସ୍ଲୋଗାନ ଦେଲେ ଏବଂ ଉତ୍ତରପ୍ରଦେଶ ଓ ବିହାର ପରି ରାଜ୍ୟରେ କ୍ଷମତାକୁ ଆସିଲେ। ଝାଡ଼ଖଣ୍ଡରେ ଆଦିବାସୀମାନେ ସମାନ ଢଙ୍ଗରେ କ୍ଷମତାକୁ ଆସିଛନ୍ତି। ଏବେ ପ୍ରାୟ ସମସ୍ତ ରାଜ୍ୟରେ ଏ ସ୍ଲୋଗାନ ଶୁଣିବାକୁ ମିଳୁଛି। ଏହା ଜାତି ଅସ୍ଥିରତା ସୃଷ୍ଟିପାଇଁ ଉଦ୍ଦିଷ୍ଟ ବୋଲି ବିପକ୍ଷବାଦୀଙ୍କ ମତ।

ଅନ୍ୟ ପକ୍ଷରେ ଏହି ସ୍ଲୋଗାନର ସପକ୍ଷବାଦୀ କହନ୍ତି ଏହା ଏକ ପ୍ରଗତିଶୀଳ ସ୍ଲୋଗାନ, ଗଣତନ୍ତ୍ରକୁ ସୁଦୃଢ଼ କରିବାର ସ୍ଲୋଗାନ। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସାମାଜିକ ସନ୍ତୁଳନ ଅପରିହାର୍ଯ୍ୟ। ଭାରତବର୍ଷ ପରି ବହୁଧର୍ମ, ବହୁଜାତି ଓ ବହୁ ସମ୍ପ୍ରଦାୟ ସମ୍ବଳିତ ଦେଶରେ ଏହାର ଆବଶ୍ୟକତା ଆହୁରି ବେଶି। ଯେଉଁ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସଂଖ୍ୟାଧିକ ଲୋକ କ୍ଷମତା ବଳୟର ବାହାରେ ରହନ୍ତି, ତାହା ଠିକ୍ ଗଣତାନ୍ତ୍ରିକ ବ୍ୟବସ୍ଥା ନୁହେଁ। ସମସ୍ତେ ସମାନଭାବେ ଶାସନ ବ୍ୟବସ୍ଥାର ଭାଗୀଦାରୀ ହେବା ହିଁ ଗଣତନ୍ତ୍ର। ଅଳ୍ପ ସଂଖ୍ୟକ ଲୋକ ଜାତି ନାମରେ, ଧର୍ମ ନାମରେ, ସମ୍ପ୍ରଦାୟ ନାମରେ ଅଥବା ଅଞ୍ଚଳ ନାମରେ ସଂଖ୍ୟାଧିକଙ୍କ ଉପରେ ଆଧିପତ୍ୟ ବିସ୍ତାର କରିବା ଗଣତନ୍ତ୍ର ନୁହେଁ। ସମାନ ଭାଗିଦାରୀତା ହିଁ ପ୍ରକୃତ ଗଣତନ୍ତ୍ର। ଯେତେବେଳେ ଗୋଟିଏ ଦୁଇଟି ଜାତି କଳେବଳେ କୌଶଳେ ସଂଖ୍ୟାଧିକ ସୁବିଧା ସୁଯୋଗ ମାରିନିଅନ୍ତି, ଶାସନ ଓ ପ୍ରଶାସନିକ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିନିଅନ୍ତି, ସେତେବେଳେ ଏହି ସ୍ଲୋଗାନ ଅମୋଘ ଅସ୍ତ୍ରର କାମ ଦିଏ। ଏହା ନିଜ ଅଧିକାର ସମ୍ବନ୍ଧରେ ସଚେତନ କରାଏ।

ଭରତବର୍ଷରେ କେବଳ ଜାତିବ୍ୟବସ୍ଥା ରହିଛି ତାହା ନୁହେଁ, ଏହାକୁ ନେଇ କ୍ଷମତାର ଅସନ୍ତୁଳନ ମଧ୍ୟ ରହିଛି। ସମଗ୍ର ଦେଶରେ ଦିନେ ତଥାକଥିତ ଉଚ୍ଚଜାତିମାନେ ବା ଅଗ୍ରସରବର୍ଗ ତାଙ୍କର ଆଧିପତ୍ୟ ଜାହିର କରି ଆସିଥିଲେ। ରାଜନୈତିକ କ୍ଷମତା, ପ୍ରଶାସନିକ କ୍ଷମତା ଓ ନ୍ୟାୟିକ କ୍ଷମତା ପୂର୍ଣ୍ଣମାତ୍ରାରେ ଏମାନଙ୍କ ହାତରେ କେନ୍ଦ୍ରୀଭୂତ ହୋଇ ରହିଥିଲା ଏବଂ ଏବେ ମଧ୍ୟ ଅନେକ ମାତ୍ରାରେ ରହିଛି। ଦେଶରେ ଅନଗ୍ରସର ଜାତି ସମୂହ ଏହି କ୍ଷମତା ବଳୟ ବାହାରେ ଥିଲା ଏବଂ ଏବେ ମଧ୍ୟ ରହିଛି। ଦେଶରେ କ୍ଷମତାର ସୁସମ ବଣ୍ଟନ ହୋଇନାହିଁ। ଆମ ସମ୍ବିଧାନ ସମସ୍ତ ବର୍ଗର ଲୋକଙ୍କ ପାଇଁ ଆନୁପାତିକ ପ୍ରତିନିଧିତ୍ୱ କଥା କହେ। ଏଇଥି ପାଇଁ ତ ଅନୁସୂଚୀତ ବର୍ଗଙ୍କ ପାଇଁ ସମସ୍ତ କ୍ଷେତ୍ରରେ ସମାନୁପାତିକ ପ୍ରତିନିଧିତ୍ୱ ପାଇଁ ସଂରକ୍ଷଣ ବ୍ୟବସ୍ଥା ରହିଛି। ଏବେ ମଣ୍ଡଳ କମିଶନ ରିପୋର୍ଟର କାର୍ଯ୍ୟକାରିତା ଜରିଆରେ ଓବିସି ମାନେ ସମାନୁପାତିକ ନହେଲେ ବି କେତେକ କ୍ଷେତ୍ରରେ ସଂରକ୍ଷଣ ସୁବିଧା ପାଇବା ଆରମ୍ଭ କରିଛନ୍ତି। ସୁସ୍ଥ ଗଣତନ୍ତ୍ରରେ ସାମାଜିକ ସନ୍ତୁଳନ ଅତ୍ୟନ୍ତ ଜରୁରୀ।

ଯେଉଁ ସମୟରେ ଏ ସ୍ଲୋଗାନ ରାଜନୀତିରେ ଦାନା ବାନ୍ଧିଥିଲା ବିଶେଷକରି ଉତ୍ତର ପ୍ରଦେଶରେ ସେ ସମୟରେ ରାଜନୈତିକ କ୍ଷମତା ଗୋଟିଏ ଦୁଇଟି ଜାତି ହାତରେ ସୀମିତ ଥିଲା। ପ୍ରକୃତ ପକ୍ଷେ ଏମାନେ ଥିଲେ ଶାସକ ଯଦିଓ ଏମାନଙ୍କ ସଂଖ୍ୟା ଅତ୍ୟନ୍ତ ନ୍ୟୁନ। ଅନ୍ୟପକ୍ଷରେ ପାଖାପାଖି ଶତକଡା ୯୦ ଭାଗ ଲୋକ ଶାସନ କ୍ଷମତାରୁ ବହୁଦୂରରେ ଥିଲେ। ତାଙ୍କ ଗଣତାନ୍ତ୍ରିକ ଅଧିକାର କେବଳ ଭୋଟ ଦେବାରେ ସୀମିତ ଥିଲା। ଯେଉଁମାନେ ସଂରକ୍ଷିତ ବର୍ଗରୁ ସଂରକ୍ଷିତ ଆସନରୁ ପ୍ରତିନିଧିତ୍ୱ କରୁଥିଲେ ସେମାନଙ୍କ କ୍ଷମତା କେବଳ ହାତ ଟେକିବାରେ ସୀମିତ ଥିଲା। ଏମାନେ ସେହି ଗୋଟିଏ ଦୁଇଟି ଜାତିରୁ ଆସୁଥିବା ନେତାଙ୍କ ସ୍ତାବକ ଥିଲେ। ଏବେ ମଧ୍ୟ ତାହାହିଁ ଚାଲିଛି। ଗଣତନ୍ତ୍ରର ନିୟମ ଅନୁସାରେ ସଂଖ୍ୟାଧିକ ସମର୍ଥନ ବା ଭୋଟ ଯାହା ସପକ୍ଷରେ ପଡେ ସେ ଶାସକ ହୁଏ। ଅର୍ଥାତ୍ ଯେଉଁମାନଙ୍କ ନିକଟରେ ଭୋଟ ଅଧିକ ଅଛି ସେମାନେ ଶାସକ ହେବା କଥା। କିନ୍ତୁ ଆମ ଦେଶରେ ଓଲଟା ହେଉଥିଲା ଓ ହେଉଛି ମଧ୍ୟ। ଯେଉଁମାନଙ୍କ ନିକଟରେ ଭୋଟ ବେଶୀ ଅଛି ସେମାନେ ଶାସକ ନୁହଁନ୍ତି। ଯେଉଁମାନଙ୍କ ଭୋଟ କମ୍ ଅଛି ସେମାନେ ଶାସକ। ଅବଶ୍ୟ ଏମାନେ ସଂଖ୍ୟାଧିକ ଭୋଟ ପାଇ ଜିତି ଥାଆନ୍ତି। ଅନେକ୍ ସମୟରେ ଏ ଭୋଟ ସଚେତନ ଭୋଟ ନଥାଏ। ବିଭିନ୍ନ ପ୍ରକାର ପ୍ରଲୋଭନ, ଧାର୍ମିକ ଉନ୍ମାଦନା ଓ ସାମାଜିକଭାବେ ନିଜକୁ ନିମ୍ନ ଭାବିବା ଯୋଗୁଁ ଭୋଟ ଦେଇ ତାଙ୍କୁ ଜିତାଇଥାନ୍ତି। ଏହା ପଛରେ ଥାଏ ଦୀର୍ଘ ସାମାଜିକ ତାଡନାର ମାନସିକ ପ୍ରଭାବ ଓ ଆତ୍ମ ବିଶ୍ୱାସର ଅଭାବ।

ଶିକ୍ଷାର ବିକାଶ ସହିତ ଗଣତାନ୍ତ୍ରିକ ଅଧିକାର ସମ୍ପର୍କରେ ସଚେତନତା ବୃଦ୍ଧିପାଏ। ତାହାହିଁ ଏବେ ହେଉଛି। ତେଣୁ ଅଧିକ ମାତ୍ରାରେ ଏହି ସ୍ଲୋଗାନ୍ ଶୁଣିବାକୁ ମିଳୁଛି। ଏହି ସ୍ଲୋଗାନକୁ କେବଳ ଜାତିବାଦୀ ସ୍ଲୋଗାନ କହିଦେଲେ ହେବନାହିଁ। ଏହା ଏକ ଗଣତାନ୍ତ୍ରିକ ସ୍ଲୋଗାନ, ସମାନତା ପ୍ରାପ୍ତିର ସ୍ଲୋଗାନ, ଗଣତନ୍ତ୍ରକୁ ଆଗକୁ ଆଗେଇ ନେବାର ସ୍ଲୋଗାନ, ସୁପ୍ତ ଜନତାଙ୍କୁ ଜଗାଇବାର ସ୍ଲୋଗାନ, ବ୍ୟବସ୍ଥା ପରିବର୍ତ୍ତନର ସ୍ଲୋଗାନ। ଏହା ଯେଉଁମାନଙ୍କର ସଂଖ୍ୟା ବେଶି ତାଙ୍କୁ ଶାସକ ବନାଇବାର ସ୍ଲୋଗାନ। ଜଣେ ନାଗରୀକ ଯେତେ ପର୍ଯ୍ୟନ୍ତ ନିଜ ଅଧିକାର ଓ ରାଷ୍ଟ୍ରୀୟ ଭାଗୀଦାରୀ ସମ୍ବନ୍ଧରେ ସଚେତନ ନହୋଇଛି, ସେତେଯାଏ ତାକୁ ଜଣେ ଉତ୍ତମ ନାଗରୀକଭାବେ ବିବେଚନା କରାଯାଇ ପାରିବ ନାହିଁ। କେବଳ ଭୋଟଦେବା ଭିତରେ ଉତ୍ତମ ନାଗରିକତ୍ୱ ସୀମିତ ନୁହେଁ। ରାଷ୍ଟ୍ରର ଶାସନ ବ୍ୟବସ୍ଥା ଉତ୍ତମ ବିଚାରଧାରା ଉପରେ ପ୍ରତିଷ୍ଠିତ ହେବା ଆବଶ୍ୟକ। ତେବେ କେବଳ ଗୋଟିଏ ଦୁଇଟି ଜାତି ଉତ୍ତମ ବିଚାରଧାରାର ଅଧିକାରୀ ଅଟନ୍ତି ଏବଂ ଅନ୍ୟମାନେ ଅଯୋଗ୍ୟ ଓ ନିମ୍ନ ବିଚାରଧାରାର ବୋଲି ଭାବିବା ସମ୍ପୂର୍ଣ୍ଣରୂପେ ଅଗଣତାନ୍ତ୍ରିକ। ଏପରି ଭାବନା ହିଁ ପ୍ରକୃତରେ ଜାତିବାଦୀ ଭାବନା ଅଟେ। ଯେଉଁଦିନ ଏହି ସ୍ଲୋଗାନ ସଫଳଭାବେ କାର୍ଯ୍ୟକାରୀ ହେବ ସେହିଦିନ ଦେଶରେ କ୍ରାନ୍ତି ଆସିବ। ଦେଶ ସାମାଜିକ ସମାନତା ଆଡକୁ ବଢିବ ଓ ଜାତିବାଦର ଫଂଦା କ୍ରମେ ଦୁର୍ବଳ ହେବ। ଦେଶରେ ଉତ୍କୃଷ୍ଟ ଗଣତାନ୍ତ୍ରିକ ବ୍ୟବସ୍ଥାର ଆରମ୍ଭ ହେବ। ତେଣୁ ଏ ସ୍ଲୋଗାନର ସକାରାତ୍ମକ ଦିଗ ଆମ ସମସ୍ତଙ୍କ ପାଇଁ ଅନୁକରଣୀୟ। ଜାତି ଥିବା ପର୍ଯ୍ୟନ୍ତ ଏମାନଙ୍କୁ ନେଇ ଗଠିତ ହୋଇଥିବା ସମସ୍ତେ ସାମ୍ବିଧାନିକ ବର୍ଗ ମଧ୍ୟରେ କ୍ଷମତାର ସୁଷମ ବଣ୍ଟନ ହେଉ। ଏହା ଆମ ଗଣତନ୍ତ୍ରକୁ ଆହୁରି ମଜଭୁତ କରିବ ଏବଂ ଗଣତନ୍ତ୍ରର ମୂଳମନ୍ତ୍ର ସମତା, ମମତା ଓ ସ୍ୱତନ୍ତ୍ରତାକୁ ଆହୁରି ଉଦ୍‌ଭାସିତ କରିବ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ଗୁପ୍ତ

ଶ୍ରଦ୍ଧେୟ ଭକ୍ତବୃନ୍ଦ ଛୋଟ କଥା କିନ୍ତୁ ବଡ ପରଦା। ଏହାର ଅର୍ଥ ହେଉଛି ଗୁପ୍ତକୁ ଯେ ପରିପ୍ରକାଶ କରେ ସେ କିଏ ? ଗୁଣକୁ ଯେ ଧାରଣ କରି ଗୁଣବନ୍ତ କରାଏ ସେ କିଏ ? ଗୋଟିଏ ଛୋଟ କଥା କହୁଛି ଶୁଣ- କଥାରେ ଅଛି ନାରୀକୁ ବା ସ୍ତ୍ରୀକୁ ଗୁମର କଥା କହିବ ନାହିଁ କି ପେଟର କଥା କହିବ ନାହିଁ। ଏହାର ଅର୍ଥ ସମସ୍ତେ ଜାଣନ୍ତି ଏବଂ କୁହନ୍ତି। ଆରେ ମା ମାଇପ ଏ ହେଲେ ମାଟି ମାଟିରେ ଯେଉଁ ମଞ୍ଜି ବୁଣିବ ସେ ଗଛ ଉଠିବ ହିଁ ଉଠିବ। ସେ ହିଁ ତାର ପରିପ୍ରକାଶ କରିବ ହିଁ କରିବ। ତାର ଗୁଣକୁ ସେ ଗୁଣବନ୍ତ କରିବ ହିଁ କରିବ। କାରଣ ସେ ତାର ଧର୍ମକୁ ପାଳନ କରେ। ଏଥିରେ ଆଶ୍ଚର୍ଯ୍ୟ ହେବାର କଣ ଅଛି। କିନ୍ତୁ ସମସ୍ତେ କୁହନ୍ତି ସ୍ତ୍ରୀ ଲୋକଗୁଡାକ ଖରାପ। ତାଙ୍କର ସଂଯମତା ନାହିଁ। ଆରେ ପ୍ରଥମ ମୂଳ କଥା ହେଲା ତୁମର ତ ସଂଯମତା ନାହିଁ। ତୁମେ ତୁମର ବାକ୍ୟର ମଞ୍ଜିକୁ ତାଙ୍କଠାରେ ବୁଣିଲେ ସେ ତ ତାର ଧର୍ମ ପାଳନ କଲା, ସେ ମଞ୍ଜିରୁ ଗଛତ ଉଠିବ ହିଁ ଉଠିବ କାରଣ ସେ ତ ମାଟି। ସେ କେଭେ କାହାର ଧାରୁଆ ହେବ ନାହିଁ। ତୁମେ ତୁଳସୀ ମଞ୍ଜି ବୁଣ କି ବିଛୁଆତି ମଞ୍ଜି ବୁଣ ସେ ତାର ପ୍ରକାଶ କରିବା କଥା କରିବ ତାର ଗୁଣକୁ ଜଗତରେ ଗୁଣବନ୍ତ କରି ଲୋକଲୋଚନକୁ ଆଣିବ ହିଁ ଆଣିବ। ଏଥିରେ ତାର ଦୋଷ କେଉଁଠି ରହିଲା। ତେଣୁ ତୁମେ ଦୋଷ କରି ମା ମୁଣ୍ଡରେ ଲଦି ଦେଉଛ କାହିଁକି ? ମାକୁ ଘୃଣା କରୁଛ କାହିଁକି ? ଏହା କଣ ମାନବ ଜାତିର ସଭ୍ୟତା। ତେଣୁ ହେ ମାନବ ଦୋଷକୁ ସ୍ୱୀକାର କର। ମୁକ୍ତି ପାଇଯିବ। ନଚେତ୍ ତୁମକୁ ହିଁ ସେହି ଫଳ ଭୋଗିବାକୁ ପଡିବ ସାବଧାନ। ହରି ଓଁ।

# ନିର୍ବାଚନ କମିଶନ ଓ ରାଜନୈତିକ ଦଳର ବିଭାଜନ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର,
ମୋ:୯୪୩୮୪୮୫୦୯୪

ଭାରତର ସାମ୍ବିଧାନିକ ପ୍ରଶାସନିକ ବ୍ୟବସ୍ଥା ରାଜନୈତିକ ଦଳମାନଙ୍କ ସଂରଚନାତ୍ମକ ଢାଞ୍ଚା ଉପରେ ହିଁ ଠିଆ ହୋଇଛି। ଏହି କାରଣରୁ ବିଭିନ୍ନ ରାଜନୈତିକ ଦଳ ପ୍ରତି ୫ ବର୍ଷରେ ହେଉଥିବା ନିର୍ବାଚନରେ ଭାଗ ନେଇଥାନ୍ତି ଓ ସଂଖ୍ୟାଗରିଷ୍ଠ ଦଳ ସରକାର ଗଠନ କରି ସମ୍ବିଧାନ ଅନୁସାରେ ଶାସନ ବ୍ୟବସ୍ଥା ଚଳାଇଥାନ୍ତି।

ରାଜନୈତିକ ଦଳମାନେ ନିଜ ନିଜର ନିର୍ବାଚନୀ ଘୋଷଣାପତ୍ର ଅାଧାରରେ ଜିତିଥାନ୍ତି। କିନ୍ତୁ ଘୋଷଣାପତ୍ର ସମ୍ବିଧାନ ଅନୁରୂପ ହେବା ଆବଶ୍ୟକ ରାଜନୈତିକ ଦଳ ମାନଙ୍କୁ ସମ୍ବିଧାନର ସର୍ତ୍ତ ଅନୁସାରେ ନିଜର ସଂରଚନା କରିବାକୁ ପଡିଥାଏ। ଏପରିକି ଗଣତନ୍ତ୍ର ପ୍ରତି ସମର୍ପିତ ହେବାକୁ ପଡିଥାଏ। ରାଜନୈତିକ ଦଳ ମାନଙ୍କ ଏଭଳି ବ୍ୟବସ୍ଥା ବାବଦରେ ଦେଖିବା ତର୍ଜମା କରିବାର ଅଧିକାର ସମ୍ବିଧାନ ନିର୍ବାଚନ କମିଶନଙ୍କୁ ଦେଇଛି। ନିର୍ବାଚନ କମିଶନ ନିରପେକ୍ଷ ରହିବା ସହ ଦଳଙ୍କୁ ସମାନ ବ୍ୟବହାର ଓ ନ୍ୟାୟ ପ୍ରଦାନ କରିବେ ବୋଲି ସମ୍ବିଧାନରେ ଉଲ୍ଲେଖ ରହିଛି। ଏଥିପାଇଁ ସମ୍ବିଧାନ ନିର୍ବାଚନ କମିଶନଙ୍କୁ ନ୍ୟାୟିକ ଅଧିକାର ମଧ୍ୟ ଦେଇଛି, ଫଳରେ ରାଜନୈତିକ ଦଳ ମାନଙ୍କର ଆଭ୍ୟନ୍ତରୀଣ ବିବାଦ ବା ଅନ୍ୟ ବିବାଦ ସମୟରେ ନିର୍ବାଚନ କମିଶନ ସମ୍ବିଧାନ ବ୍ୟବସ୍ଥା ଅନୁରୂପ ପଦକ୍ଷେପ ନେଇପାରିବେ।

ଦେଶ ସ୍ୱାଧୀନ ହେବା ପରଠାରୁ ରାଜନୈତିକ ଦଳ ଗୁଡ଼ିକର ଯେ ଆଭ୍ୟନ୍ତରୀଣ ବିବାଦ ନାହିଁ ସେ କଥା ନୁହେଁ। କମ୍ୟୁନିଷ୍ଟ ପାର୍ଟି ଓ ଜନସଂଘ (ବର୍ତ୍ତମାନର ବିଜେପି)କୁ ଛାଡି ଦେଲେ ପ୍ରାୟତଃ ଅନ୍ୟ ସବୁ ଦଳର ଜନ୍ମ ଦେଶକୁ ସ୍ୱାଧୀନ କରିବା କଂଗ୍ରେସ ଦଳର ଗର୍ଭରୁହିଁ ହୋଇଛି। ପ୍ରଥମେ କଂଗ୍ରେସ ଦଳର ଡ଼କ୍ଟର ରାମ ମନୋହର ଲୋହିଆ, ଜୟପ୍ରକାଶ ନାରାୟଣ, ଆଚାର୍ଯ୍ୟ କୃପାଳିନୀ ଓ ଆଚାର୍ଯ୍ୟ ନରେନ୍ଦ୍ର ଦେବଙ୍କ ଭଳି ଗାନ୍ଧୀବାଦୀ ନେତା ସମାଜବାଦୀ ଗୋଷ୍ଠୀ ଗଠନ କରିଥିଲେ। ଏହି ନେତା ମାନଙ୍କ ସମାଜବାଦୀ ପାର୍ଟି ଗଠନ ହେବାର କିଛିଦିନ ପରେ ତିନି ଭାଗରେ ବିଭାଜିତ ହୋଇଥିଲା। ରାମ ମନୋହର ଲୋହିଆଙ୍କ ନେତୃତ୍ୱରେ ସଂଯୁକ୍ତ ସୋମାଲିଷ୍ଟ ପାର୍ଟି ଓ ଆଚାର୍ଯ୍ୟ ନରେନ୍ଦ୍ର ଦେବଙ୍କ ନେତୃତ୍ୱରେ ପ୍ରଜା ସମାଜବାଦୀ ପାର୍ଟି ଏବଂ ଆଚାର୍ଯ୍ୟ କୃପାଳିନୀଙ୍କ ନେତୃତ୍ୱରେ ଗଠିତ ହୋଇଥିଲା ପ୍ରଜା ମଜଦୁର ପାର୍ଟି। ଏସବୁ ଦଳକୁ ନିର୍ବାଚନ କମିଶନ ଭିନ୍ନ ଭିନ୍ନ ନାମ ଦେଇ ଭିନ୍ନ ଭିନ୍ନ ନିର୍ବାଚନ ସଙ୍କେତ ମଧ୍ୟ ଦେଇଥିଲେ। ୧୯୬୪ରେ କମ୍ୟୁନିଷ୍ଟ ପାର୍ଟିର ବିଭାଜନ ହେଲା। ଗୋଟିଏ ହେଲା ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଓ ଅନ୍ୟଟି ହେଲା କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)। ନିର୍ବାଚନ କମିଶନ ମଧ୍ୟ ଦୁଇଦଳଙ୍କୁ ଅଲଗା ଅଲଗା ନିର୍ବାଚନ ଚିହ୍ନ ଆବ ନ କଲେ। କିନ୍ତୁ ଭାରତ ଇତିହାସରେ ସବୁଠାରୁ ବଡ଼ ଦଳୀୟ ବିଭାଜନ ୧୯୬୯ରେ ହୋଇଥିଲା। ସେତେବେଳେ ଥିଲା ଅଖିଳ ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସ। ସେତେବେଳେ କଂଗ୍ରେସ ଶାସନରେ ଥିଲା ଓ ପ୍ରଧାନମନ୍ତ୍ରୀ ଥିଲେ ଶ୍ରୀମତୀ ଇନ୍ଦିରା ଗାନ୍ଧୀ। ଇନ୍ଦିରାଗାନ୍ଧୀ ସେହିବର୍ଷ ଦଳ ପକ୍ଷରୁ ରାଷ୍ଟ୍ରପତି ପଦ ପାଇଁ ତତ୍‌କାଳୀନ ଉପରାଷ୍ଟ୍ରପତି ଭି.ଭି. ଗିରିଙ୍କୁ ସମର୍ଥନ କରିଥିଲେ। ଦଳ କିନ୍ତୁ ଅନ୍ୟ ଜଣଙ୍କୁ ରାଷ୍ଟ୍ରପତି କରିବାପାଇଁ ଚାହୁଁଥିଲା। ଇନ୍ଦିରାଗାନ୍ଧୀ ଭି.ମି. ଗିରିଙ୍କୁ ସମର୍ଥନ କରିବା କାରଣରୁ କଂଗ୍ରେସ ପାର୍ଟିର କାର୍ଯ୍ୟକାରୀ କମିଟି ଇନ୍ଦିରା ଗାନ୍ଧୀଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବିତ କରିଥିଲେ। ଫଳରେ କଂଗ୍ରେସ ଦଳରନେତା ଓ କର୍ମୀ ଦୁଇ ଗୋଷ୍ଠୀରେ ବିଭାଜିତ ହୋଇଥିଲେ ଏବଂ ଦୁଇ ଗୋଷ୍ଠୀ ନିଜକୁ ଅସଲ କଂଗ୍ରେସ ବୋଲି ଦାବି କଲେ। ସେତେବେଳେ ଦେଶର ମୁଖ୍ୟ ନିର୍ବାଚନ କମିଶନର ଥିଲେ ଏସ୍.ପି ସେନବର୍ମା। ସେନବର୍ମା ଉଭୟ ଗୋଷ୍ଠୀଙ୍କ ଯୁକ୍ତିକୁ ଶୁଣିବା ପରେ କଂଗ୍ରେସ ଦଳର ଚିହ୍ନ ଯୋଡି ବଳଦ ଉପରେ ପ୍ରତିବନ୍ଧ ଲଗାଇ ଦେଲେ ଏବଂ ଦୁଇ ଗୋଷ୍ଠୀଙ୍କୁ ନିଜ ନିଜର ଦଳର ନାମ ଓ ଚିହ୍ନ ବାଛିବା ପାଇଁ ପରାମର୍ଶ ଦେଲେ।

ସେତେବେଳେ ଇନ୍ଦିରାଗାନ୍ଧୀଙ୍କ କଂଗ୍ରେସ ଗୋଷ୍ଠୀର ଅଧ୍ୟକ୍ଷ ଥିଲେ ଆର ସିବୈୟା ଏଣୁ ନିର୍ବାଚନ ତାଙ୍କ ଗୋଷ୍ଠୀର ନାମ ରଖିଥିଲେ କଂଗ୍ରେସ (ଆର) ଏବଂ କଂଗ୍ରେସ କାର୍ଯ୍ୟକାରୀ କମିଟି ଗୋଷ୍ଠୀଙ୍କୁ କଂଗ୍ରେସ (ସଂଗଠନ) ନାମ ଦେଇଥିଲେ। ସେହିଭଳି କଂଗ୍ରେସ (ଆର)କୁ ଗାଇବାଛୁରୀ ଚିହ୍ନ ଦିଆଯାଇଥିବା ବେଳେ କଂଗ୍ରେସ (ସଂଗଠନ)କୁ ଚରଖା କାଟୁଥିବା ମହିଳା ଚିହ୍ନ ଦେଇଥିଲେ ନିର୍ବାଚନ କମିଶନ। ଲୋକେ ମଧ୍ୟ ଏ ଦୁଇ ଦଳକୁ ନୂଆ କଂଗ୍ରେସ ଏବଂ ପୁରୁଣା କଂଗ୍ରେସ ବୋଲି କହିଲେ । ନିର୍ବାଚନ କମିଶନର ସେନବର୍ମା ପୁର୍ବରୁ କଂଗ୍ରେସ କାର୍ଯ୍ୟାଳୟକୁ କଂଗ୍ରେସ (ସଂଗଠନ)କୁ ଦେଇଥିଲେ। ଏଣୁ ଦଳର ପୁରୁଣା ସମ୍ପତ୍ତି ମଧ୍ୟ କଂଗ୍ରେସ (ସଂଗଠନ) ହାତକୁ ଚାଲିଯାଇଥିଲା। କିନ୍ତୁ କାଳାନ୍ତରରରେ କଂଗ୍ରେସ (ସଂଗଠନ) ବା ପୁରୁଣା କଂଗ୍ରେସ ତାର ସ୍ଥିତି ହରାଇଥିଲା ଓ କଂଗ୍ରେସ (ଆର) ବା ନୂଆ କଂଗ୍ରେସ ହିଁ ମୂଳ କଂଗ୍ରେସ ଭାବରେ ବିକଶିତ ହୋଇଥିଲା। ଏସବୁ ଇନ୍ଦିରା ଗାନ୍ଧୀଙ୍କ ବ୍ୟକ୍ତିତ୍ୱର ଚମତ୍କାର ଥିଲା। ୧୯୭୭ରେ ଜରୁରୀକାଳୀନ ପରିସ୍ଥିତି ପରେ ଇନ୍ଦିରାଙ୍କ କଂଗ୍ରେସ ପୁଣି ବିଭାଜିତ ହେଲା। ସେତେବେଳେ କଂଗ୍ରେସ ଦଳର କାର୍ଯ୍ୟକାରି କମିଟି ୧୯୬୯ ଭଳି ଇନ୍ଦିରାଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବିତ କରିଦେଲେ। ଇନ୍ଦିରା ଗାନ୍ଧୀ ଓ ତାଙ୍କୁ ସମର୍ଥନ କରୁଥିବା ଗୋଷ୍ଠୀ ନିଜକୁ ଅସଲି କଂଗ୍ରେସ ବୋଲି ଦାବି କରିଥିଲେ ଓ ମାମଲା ନିର୍ବାଚନ କମିଶନଙ୍କ ନିକଟରେ ପହଞ୍ଚିଲା। ନିର୍ବାଚନ କମିଶନ ପୁର୍ବରୁ ସେଇ ୧୯୬୯ ନୀତିକୁ ଆପଣେଇ ଇନ୍ଦିରାଙ୍କ ଗୋଷ୍ଠୀକୁ କଂଗ୍ରେସ (ଇନ୍ଦିରା) ଏବଂ ଅନ୍ୟ ଗୋଷ୍ଠୀଙ୍କୁ କଂଗ୍ରେସ (ଅର୍ସ)ର ନାମ ଦେଇଥିଲେ। ନିର୍ବାଚନ କମିଶନ କଂଗ୍ରେସର ଗାଇବାଛୁରୀ ଚିହ୍ନକୁ ରଦ୍ଦ କରିଦେଇ ଇନ୍ଦିରାଙ୍କ କଂଗ୍ରେସ ଗୋଷ୍ଠୀଙ୍କୁ ହାତ ଚିହ୍ନ ଆବଣ୍ଟନ କରିଥିଲେ। କାଳାନ୍ତରରେ କଂଗ୍ରେସ (ଅର୍ସ) ମଧ୍ୟ ସ୍ଥିତି ହରାଇଥିଲା ଓ ସେ ଦଳର ନେତା କଂଗ୍ରେସ (ଆଇ)ରେ ସାମିଲ ହୋଇଥିଲେ।

ବର୍ତ୍ତମାନ ପଶ୍ଚିମବଂଗର ମୁଖ୍ୟ ରାଜନୈତିକ ଦଳ ତୃଣମୂଳ କଂଗ୍ରେସର ବିଭାଜନ ମାମଲ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ନିକଟରେ ପହଞ୍ଚିଛି। ଜ୍ଞାନେଶ କୁମାରଙ୍କ ଆଗରେ ପୁର୍ବରୁ ବିଭାଜନର ନଜିର ରହିଛି ଏବଂ ବିଗତବର୍ଷ ମହାରାଷ୍ଟ୍ରର ଆଞ୍ଚଳିକ ଦଳ ଶିବସେନାର ବିଭାଜନ କଥାମଧ୍ୟ ରହିଛି। ଗତ ବର୍ଷ ଶିବସେନା ବିଭାଜିତ ହେବା ପରେ ମୂଳ ଶିବସେନାରୁ ଅଲଗା ହୋଇଥିବା ଅଧିକ ସଂଖ୍ୟକ ବିଧାୟକଙ୍କ ଗୋଷ୍ଠୀକୁ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଅସଲ ଶିବସେନା ବୋଲି ଗ୍ରହଣ କରିଥିଲେ ଓ ଶିବସେନାର ଦଳୀୟ ଚିହ୍ନକୁ ମଧ୍ୟ ସେମାନଙ୍କୁ ଆବଣ୍ଟିତ ବର୍ଗଦେଇଥିଲେ। ସେହିଭଳି ଶରଦ ପାୱାରଙ୍କ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟିର ବିଭାଜନ ପରେ ଏକାଭଳି ନିଷ୍ପତ୍ତି ନେଇଥିଲେ ଜ୍ଞାନେଶ କୁମାର। ନିର୍ବାଚନ କମିଶନଙ୍କ ଏଭଳି ନିଷ୍ପତ୍ତିକୁ ସୁପ୍ରିମ କୋର୍ଟରେ ଚାଲେଞ୍ଜ କରାଯାଇଛି। କିନ୍ତୁ ତୃଣମୂଳ କଂଗ୍ରେସ କ୍ଷେତ୍ରରେ ନିର୍ବାଚନ କମିଶନର ୧୯୬୯ ଓ ୧୯୭୭ର ଉଦାହରଣକୁ ଗ୍ରହଣ କରି ତୃଣମୂଳ କଂଗ୍ରେସ ଦଳର ନିର୍ବାଚନ ଚିହ୍ନକୁ ନିଷିଦ୍ଧ କରିଛନ୍ତି ଓ ତୃଣମୂଳ କଂଗ୍ରେସର ଦୁଇ ଗୋଷ୍ଠୀଙ୍କୁ ଭିନ୍ନ ଭିନ୍ନ ନାମ ଓ ନିର୍ବାଚନ ଚିହ୍ନ ବାଛିବା ପାଇଁ କହିଛନ୍ତି।

ଚଳିତ ବର୍ଷର ମେ ମାସରେ ପଶ୍ଚିମ ବଂଗରେ ବିଧାନସଭା ନିର୍ବାଚନ ଶେଷ ହେବା ପରେ ତୃଣମୂଳ କଂଗ୍ରେସର ବିଭାଜନ ଘଟିଛି। ବିଜୟୀ ବିଧାୟକଙ୍କ ମଧ୍ୟରୁ ଅଧିକ ସଂଖ୍ୟକ ବିଧାୟକ ବିଦ୍ରୋହକରି ବିଧାୟକ ରତବ୍ରତ ବାନାର୍ଜୀଙ୍କ ନେତୃତ୍ୱରେ ଭିନ୍ନଗୋଷ୍ଠୀ କରି ନିଜକୁ ଅସଲି ତୃଣମୂଳ କଂଗ୍ରେସ ବୋଲି ଦାବି କରୁଛନ୍ତି। ଏହି କାରଣରୁ ବିଧାନସଭାରେ ବିରୋଧି ଦଳ ନେତା ପଦ ରତବ୍ରତ ବାନାର୍ଜୀଙ୍କ ଗୋଷ୍ଠୀକୁ ମିଳିଛି। ଏହାପରେ ତୃଣମୂଳ କଂଗ୍ରେସର ୨୯ ସାଂସଦଙ୍କ ମଧ୍ୟରୁ ୨୦ ସାଂସଦ ମମତାଙ୍କ ଠାରୁ ଅଲଗା ହୋଇ ଏକ ଅନାମଧେୟ ରାଜନୈତିକ ଦଳର ସଦସ୍ୟ ହୋଇଛନ୍ତି। ଆସନ୍ତା ଅକ୍ଟୋବର ମାସ ୬ତାରିଖରେ ପଶ୍ଚିମବଂଗର ଦୁଇଟି ବିଧାନସଭା ଆସନ ପାଇଁ ଉପନିର୍ବାଚନ ହେବ। ଏଣୁ ଉପନିର୍ବାଚନ ପୁର୍ବରୁ ଦୁଇଗୋଷ୍ଠୀଙ୍କ ପରିଚୟ କ'ଣ ହେବ ସେ କଥା ସ୍ପଷ୍ଟ ହୋଇଯିବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

32 YEARS
ସମ୍ବାଦ କଳିଙ୍ଗ
ଖେଳ
ଭୁବନେଶ୍ୱର,୬ ଅକ୍ଟୋବର, ମଙ୍ଗଳବାର,୨୦୨୬



# ରଣଜୀ ଟ୍ରଫି ପାଇଁ ଓଡ଼ିଶା ପ୍ରସ୍ତୁତ ୧୭ ଜଣିଆ ଦଳ ଘୋଷିତ




**କଟକ, ନ୍ୟୁଜ୍‌ବ୍ୟୁରୋ**

ଆଗାମୀ ବିସିସିଆଇ ଘରୋଇ କ୍ରିକେଟ୍ ସିଜନ୍ ୨୦୨୬-୨୭ର ରଣଜୀ ଟ୍ରଫି ପାଇଁ ଓଡ଼ିଶା ସିନିୟର ପୁରୁଷ ଦଳ ଘୋଷଣା କରାଯାଇଛି । ପ୍ରଥମ ଦୁଇଟି ମ୍ୟାଚ୍ ପାଇଁ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ୧୭ ଜଣିଆ ଦଳ ଘୋଷଣା କରିଛି । ସୁଭ୍ରାଂଶୁ ସେନାପତିଙ୍କୁ ଦଳର ଅଧିନାୟକ ଦାୟିତ୍ୱ ଦିଆଯାଇଛି । ସୋମବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସିନିୟର ପୁରୁଷ ଚୟନ କମିଟିର ଅଧ୍ୟକ୍ଷ କୁଳମଣି ପରିଡ଼ା ଓ ମୁଖ୍ୟ ପ୍ରଶିକ୍ଷକ ପ୍ରବଞ୍ଜନ ମଲ୍ଲିକ୍ ଦଳ ଘୋଷଣା କରିଥିଲେ । ଘୋଷିତ ଦଳରେ ସ୍ୱସ୍ତିକ ସାମଲ, ସୁଭ୍ରାଂଶୁ ସେନାପତି (ଅଧିନାୟକ), ଓମ୍ ଟି. ମୁଣ୍ଡେ, ଗୌରବ ଚୌଧୁରୀ, ଶ୍ରେୟାଂଶ ଭରଦ୍ୱାଜ, ସନ୍ଦୀପ ପଟ୍ଟନାୟକ ଓ ଶାନ୍ତନୁ ମିଶ୍ରଙ୍କୁ ବ୍ୟାଟର ଭାବେ ସାମିଲ କରାଯାଇଛି । ଓମ୍ ଟି. ମୁଣ୍ଡେ ଓ ଶ୍ରେୟାଂଶ ଭରଦ୍ୱାଜ ଦଳର ନୂଆ ମୁହଁ ଭାବେ ସ୍ଥାନ ପାଇଛନ୍ତି । ୱିକେଟ୍ କିପର ଭାବେ ଆଶୀର୍ବାଦ ସ୍ୱାଇଁ ଓ ଦିନେଶ ମାଝୀ ରହିଛନ୍ତି । ନିନାଦ ରାଠୱା ଓ ସମ୍ବିତ ବେଜାଙ୍କୁ ଅଲ୍‌ରାଉଣ୍ଡର ଭାବେ ଦଳରେ ରଖାଯାଇଛି । ବୋଲିଂ ବିଭାଗରେ ଲଳିତ ଯାଦବ, ରାଜେଶ ମହାନ୍ତି, ପ୍ରଶାନ୍ତ ରାଣା ଓ ସୌମ୍ୟ ଲେଙ୍କା ରହିଛନ୍ତି । ସୌମ୍ୟ ଲେଙ୍କା ଓ ସମ୍ବିତ ବେଜା ମଧ୍ୟ ନୂଆ ମୁହଁ ଭାବେ ଦଳରେ ସାମିଲ ହୋଇଛନ୍ତି । ସ୍ପିନ୍ ବିଭାଗରେ ସୟଦ ତୁଫାଏଲ ଅହମଦ ଓ ବାଦଲ ବିଶ୍ୱାଳ ରହିଛନ୍ତି । ରଣଜୀ ଟ୍ରଫି ଏଲିଟ୍-ସି'ରେ ଓଡ଼ିଶା ଅକ୍ଟୋବର ୧୧ରୁ ଅଭିଯାନ ଆରମ୍ଭ କରିବ । ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ଗୁଜରାଟକୁ ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍ ବି ଗ୍ରାଉଣ୍ଡରେ ଭେଟିବ । ଏହି ମ୍ୟାଚ୍ ଅକ୍ଟୋବର ୧୧ରୁ ୧୪ ପର୍ଯ୍ୟନ୍ତ ଖେଳାଯିବ । ଦ୍ୱିତୀୟ ମ୍ୟାଚ୍‌ରେ ଅକ୍ଟୋବର ୧୮ରୁ ୨୧ ପର୍ଯ୍ୟନ୍ତ ଓଡ଼ିଶା କେରଳ ବିପକ୍ଷରେ ଥିରୁବନନ୍ତପୁରମ୍‌ର ସ୍ପୋର୍ଟ୍ସ ହବ୍ ଇଣ୍ଟରନ୍ୟାସନାଲ୍ କ୍ରିକେଟ୍ ଷ୍ଟାଡିୟମ୍‌ରେ ଖେଳିବ । ଏହାପରେ ଅକ୍ଟୋବର ୨୬ରୁ ୨୯ ପର୍ଯ୍ୟନ୍ତ ଓଡ଼ିଶା ଘରୋଇ ମାଟିରେ ସର୍ଭିସେସ୍‌କୁ ଭେଟିବ । ନଭେମ୍ବର ୨ରୁ ୫ ପର୍ଯ୍ୟନ୍ତ ଝାଡ଼ଖଣ୍ଡ ବିପକ୍ଷ ମ୍ୟାଚ୍ ମଧ୍ୟ ଭୁବନେଶ୍ୱରର କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍ନୋଲୋଜି ଷ୍ଟାଡିୟମ୍‌ରେ ଖେଳାଯିବ । ପରେ ଜାନୁଆରୀ ୧୭ରୁ ୨୦, ୨୦୨୭ ପର୍ଯ୍ୟନ୍ତ ଓଡ଼ିଶା ବାରବାଟୀ ଷ୍ଟାଡିୟମ୍, କଟକରେ ଦିଲ୍ଲୀ ବିପକ୍ଷରେ ମୁକାବିଲା କରିବ ।

# ହଂକଂ ସିକ୍ସେସ୍ ପାଇଁ ଟିମ୍ ଇଣ୍ଡିଆ ସ୍କ୍ୱାଡ୍ ଘୋଷଣା : ଅଧିନାୟକ ହେଲେ ଭୁବନେଶ୍ୱର କୁମାର

**ନୂଆଦିଲ୍ଲୀ**

ହଂକଂ ସିକ୍ସେସ୍ ୨୦୨୬ର ଶୁଭାରମ୍ଭ ଅକ୍ଟୋବରର ଶେଷ ସପ୍ତାହରେ ହେବାକୁ ଯାଉଛି । ବହୁ ବର୍ଷ ଧରି ଏହି ବଡ଼ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଆସୁଛି ଏବଂ ଭାରତୀୟ ଦଳ ମଧ୍ୟ ଏଥିରେ ଭାଗ ନେଇଆସୁଛି । ହଂକଂ ସିକ୍ସେସ୍ ୨୦୨୬ ପାଇଁ ଟିମ୍ ଇଣ୍ଡିଆର ସ୍କ୍ୱାଡ୍ ଘୋଷଣା କରାଯାଇଛି । ଭୁବନେଶ୍ୱର କୁମାରଙ୍କୁ ଭାରତୀୟ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି । ଏହା ବ୍ୟତୀତ ସ୍କ୍ୱାଡ୍‌ରେ କୃଣାଲ ପାଣ୍ଡ୍ୟା, ଶଶାଙ୍କ ସିଂହ ଓ ନୀତିଶ ରାଣାଙ୍କ ଭଳି ତାରକା ଖେଳାଳି ମଧ୍ୟ ଏଥିରେ ସାମିଲ ଅଛନ୍ତି ।

ହଂକଂ କ୍ରିକେଟ୍ ବୋର୍ଡର ଆଧିକାରିକ ସୋସିଆଲ ମିଡିଆ ଆକାଉଣ୍ଟ ଜରିଆରେ ୨୦୨୬ ସିଜନ୍ ପାଇଁ ଟିମ୍ ଇଣ୍ଡିଆର ସ୍କ୍ୱାଡ୍ ଘୋଷଣା କରାଯାଇଛି । ଭୁବନେଶ୍ୱର କୁମାର ଏବଂ କୃଣାଲ ପାଣ୍ଡ୍ୟାଙ୍କ ଉପସ୍ଥିତି ଯୋଗୁଁ ଭାରତୀୟ ସ୍କ୍ୱାଡ୍ ବେଶ୍ ଶକ୍ତିଶାଳୀ ମନେହେଉଛି । ଦଳରେ ଶଶାଙ୍କ ସିଂହ, ଟି. ନଟରାଜନ ଏବଂ ନୀତିଶ ରାଣାଙ୍କ ଭଳି ବଡ଼ ବଡ଼ ଆଇପିଏଲ୍ ଷ୍ଟାର୍ ମଧ୍ୟ ସାମିଲ ଅଛନ୍ତି ।



ହଂକଂ ସିକ୍ସେସ୍ ଇଭେଣ୍ଟର ପ୍ରଥମ ସଂସ୍କରଣ ୧୯୯୨ ମସିହାରେ ଆୟୋଜିତ ହୋଇଥିଲା । ଏକ ନିଆରା ଫର୍ମାଟ୍ ବା ଶୈଳୀରେ ଏହି ଇଭେଣ୍ଟର ଆୟୋଜନ କରାଯାଏ । ଏହା ୬-୬ ଓଭରର ମ୍ୟାଚ୍ ହୋଇଥାଏ ଏବଂ ଏକ ଦଳର ମୋଟ ୬ ଜଣ ଖେଳାଳି ପଡ଼ିଆକୁ ଓହ୍ଲାଇଥାନ୍ତି । ବୋଲର ଏବଂ ୱିକେଟକିପରଙ୍କ ବ୍ୟତୀତ ପଡ଼ିଆରେ ୪ ଜଣ ଫିଲ୍ଡର ଥାନ୍ତି । ୨୦୧୭ ମସିହା ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟ କ୍ରମାଗତ ଭାବେ ଆୟୋଜିତ ହୋଇଆସୁଥିଲା, ଯାହା ପରେ ଏହାକୁ ବନ୍ଦ କରିଦିଆଯାଇଥିଲା । ୨୦୨୪ ମସିହାରେ ପୁଣିଥରେ ହଂକଂ ସିକ୍ସେସ୍ ଆରମ୍ଭ ହୋଇଥିଲା । ସୂଚନାଯୋଗ୍ୟ ଯେ, ହଂକଂ ସିକ୍ସେସ୍ ଇଭେଣ୍ଟରେ ୱିକେଟକିପରଙ୍କୁ ବାଦ୍ ଦେଇ ପ୍ରତ୍ୟେକ ଖେଳାଳିଙ୍କୁ ଗୋଟିଏ ଓଭର ବୋଲିଂ କରିବା ବାଧ୍ୟତାମୂଳକ ଅଟେ । କେବଳ ଜଣେ ବୋଲର ଦୁଇଟି ଓଭର ବୋଲିଂ କରିପାରିବେ । ପ୍ରତ୍ୟେକ ବିଜୟ ପାଇଁ ଦଳକୁ ୨ ପଏଣ୍ଟ ମିଳିଥାଏ । ଏହାର ନିୟମ ସାଧାରଣ କ୍ରିକେଟ୍ ମ୍ୟାଚ୍ ଠାରୁ ସମ୍ପୂର୍ଣ୍ଣ ଭିନ୍ନ ।

ହଂକଂ ସିକ୍ସେସ୍ ୨୦୨୬ ଟୁର୍ଣ୍ଣାମେଣ୍ଟରେ ମୋଟ ୧୨ଟି ଦଳ ଭାଗ ନେବେ । ଯାହାଙ୍କୁ ଚାରୋଟି ଅଲଗା ଅଲଗା ଗ୍ରୁପ୍‌ରେ ବିଭକ୍ତ କରାଯାଇଛି । ଟିମ୍ ଇଣ୍ଡିଆ ଗ୍ରୁପ୍-ସିରେ ରହିଛି । ଏହି ସମାନ ଗ୍ରୁପରେ ମଧ୍ୟ ପାକିସ୍ତାନ ଏବଂ ୟୁଏଇ ସାମିଲ ଅଛନ୍ତି । ୩୦ ଅକ୍ଟୋବରରୁ ୧ ନଭେମ୍ବର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ହଂକଂ ସିକ୍ସେସ୍ ଟୁର୍ଣ୍ଣାମେଣ୍ଟରେ ମ୍ୟାଚ୍‌ଗୁଡ଼ିକ ସକାଳ ୫:୪୫ ରୁ ଆରମ୍ଭ ହେବ ।

ହଂକଂ ସିକ୍ସେସ୍ ୨୦୨୬ ଗ୍ରୁପ୍ : ଗ୍ରୁପ୍‌ଏ-ଅଷ୍ଟ୍ରେଲିଆ, ହଂକଂ ଏବଂ ଇଂଲଣ୍ଡ । ଗ୍ରୁପ୍ ବି- ବାଂଲାଦେଶ, ସ୍କଟଲ୍ୟାଣ୍ଡ ଏବଂ ଶ୍ରୀଲଙ୍କା । ଗ୍ରୁପ୍ ସି- ଭାରତ, ପାକିସ୍ତାନ ଏବଂ ୟୁଏଇ । ଗ୍ରୁପ୍ ଡି- ସାଉଥ୍ ଆଫ୍ରିକା, ଓମାନ ଏବଂ ଆଫଗାନିସ୍ତାନ ।

ହଂକଂ ସିକ୍ସେସ୍ ୨୦୨୬ ପାଇଁ ଭାରତର ସ୍କ୍ୱାଡ୍ : ଭୁବନେଶ୍ୱର କୁମାର (ଅଧିନାୟକ), କୃଣାଲ ପାଣ୍ଡ୍ୟା, ନୀତିଶ ରାଣା, ଶଶାଙ୍କ ସିଂହ, ଟି. ନଟରାଜନ, ରାହୁଲ ତ୍ରିପାଠୀ ଏବଂ ରାହୁଲ ତେୱାଟିଆ ।

# ଚାଇନା ଓପନରେ ଇତିହାସ ରଚିଲେ ନୋଭାକ ଜୋକୋଭିଚ୍, ଭାଙ୍ଗିଲେ ରାଫେଲ ନଡାଲଙ୍କ ବଡ଼ ରେକର୍ଡ



**ବେଜିଂ**

ନୋଭାକ ଜୋକୋଭିଚ୍ ବିଶ୍ୱର ଶୀର୍ଷ ମାନ୍ୟତା ପ୍ରାପ୍ତ ଆଲେକ୍ସଜାଣ୍ଡାର ଜ୍ୱେରେଭ୍‌ଙ୍କୁ ୪-୬, ୬-୪, ୬-୪ରେ ମାତ୍ ଦେଇ ଚାଇନା ଓପନର ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି । ଏହାସହିତ ସେ ଏହି ଏଟିପି ୫୦୦ ଟୁର୍ଣ୍ଣାମେଣ୍ଟରେ ନିଜର ଅପରାଜେୟ ରେକର୍ଡ ବଜାୟ ରଖିଛନ୍ତି । ୨୦୧୫ ମସିହା ପରେ ବେଜିଂରେ ଜୋକୋଭିଚ୍‌ଙ୍କର ଏହା ପ୍ରଥମ ମ୍ୟାଚ୍ ଥିଲା । ତାଙ୍କୁ ଜ୍ୱେରେଭ୍‌ଙ୍କଠାରୁ କଡ଼ା ଟକ୍କର ମିଳିଥିଲା, ଯିଏ ଏହି ମ୍ୟାଚ୍ ପୂର୍ବରୁ ଫ୍ରେଞ୍ଚ ଓପନ ଏବଂ ୟୁଏସ୍ ଓପନର ବର୍ତ୍ତମାନର ଚାମ୍ପିଅନ ଥିଲେ ।

ଜର୍ମାନ ଖେଳାଳି ଜ୍ୱେରେଭ୍ ଦୃଢ଼ ଆରମ୍ଭ କରିଥିଲେ ଏବଂ ନିଜର ଶକ୍ତିଶାଳୀ ଖେଳ ପ୍ରଦର୍ଶନ କରି ଜୋକୋଭିଚ୍‌ଙ୍କୁ ଅସୁବିଧାରେ ପକାଇଥିଲେ, ଯାହାଫଳରେ ସେ ପ୍ରଥମ ସେଟ୍‌କୁ ୬-୪ରେ ଜିତି ନେଇଥିଲେ । ତେବେ ସର୍ବିଆର ଖେଳାଳି ଜୋକୋଭିଚ୍ ଖୁବ୍ ଶୀଘ୍ର ନିଜର ଲୟ ଫେରିପାଇଥିଲେ ଏବଂ ଟପ୍ ସିଡ୍‌ଙ୍କ ବିପକ୍ଷରେ ମ୍ୟାଚ୍ ଉପରେ ନିଜର ନିୟନ୍ତ୍ରଣ ବଢ଼ାଇବା ଆରମ୍ଭ କରିଥିଲେ ।

ମ୍ୟାଚ୍‌ର ନିର୍ଣ୍ଣାୟକ ମୋଡ଼ ଦ୍ୱିତୀୟ ସେଟ୍‌ର ଶେଷ ଭାଗରେ ଆସିଥିଲା । ଯେତେବେଳେ ସ୍କୋର ୪-୪ରେ ବରାବର ରହିଥିଲା, ସେତେବେଳେ ଜୋକୋଭିଚ୍ ନିଜ ଖେଳରେ ସୁଧାର ଆଣିଥିଲେ ଏବଂ ୧୦ମ ଗେମ୍‌ରେ ଜ୍ୱେରେଭ୍‌ଙ୍କ ସର୍ଭିସକୁ ବ୍ରେକ୍ କରିଥିଲେ । ଏହାପରେ ସେ ନିଜ ସର୍ଭିସରେ ସେଟ୍ ଜିତି ମ୍ୟାଚ୍‌କୁ ସମାନ ସ୍ଥିତିକୁ ଆଣିଥିଲେ । ଶେଷ ସେଟ୍‌ରେ ଦୁହିଁଙ୍କ ମଧ୍ୟରେ କଡ଼ା ଟକ୍କର ହୋଇଥିଲା ଏବଂ କେହି ବି ସ୍ପଷ୍ଟ ଅଗ୍ରଣୀ ହାସଲ କରିପାରିନଥିଲେ । ତଥାପି, ଜୋକୋଭିଚ୍ ସର୍ବଦା ଭଳି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟରେ ନିଜର ସର୍ବଶ୍ରେଷ୍ଠ ଟେନିସ ପ୍ରଦର୍ଶନ କରିଥିଲେ । ସ୍କୋର ୪-୪ ଥିବା ସମୟରେ, ସର୍ବିଆର ଏହି ଖେଳାଳି ଜ୍ୱେରେଭ୍‌ଙ୍କ ସର୍ଭିସ ବ୍ରେକ୍ କରିବାରେ ସଫଳ ହୋଇଥିଲେ ଏବଂ ନିର୍ଣ୍ଣାୟକ ଅଗ୍ରଣୀ ହାସଲ କରିଥିଲେ । ଏହାପରେ ସେ ଶାନ୍ତ ରହି ନିଜ ସର୍ଭିସରେ ମ୍ୟାଚ୍ ଜିତିବା ସହ ୪-୬, ୬-୪, ୬-୪ରେ ବିଜୟ ସୁନିଶ୍ଚିତ କରିଥିଲେ ।

ଏହି ବିଜୟ ସହ ଚାଇନା ଓପନରେ ଜୋକୋଭିଚଙ୍କ ରେକର୍ଡ ୩୨-୦ ହୋଇଯାଇଛି । ସେ ଓପନ ଏରାରେ କୌଣସି ଗୋଟିଏ ଟୁର୍ଣ୍ଣାମେଣ୍ଟରେ କ୍ରମାଗତ ୩୨ଟି ମ୍ୟାଚ୍ ଜିତିବାରେ ପ୍ରଥମ ପୁରୁଷ ଖେଳାଳି ହୋଇଛନ୍ତି । ଏହା ପୂର୍ବରୁ ଏହି ରେକର୍ଡ ରାଫେଲ ନଡାଲଙ୍କ ନାମରେ ଥିଲା, ଯିଏ ଫ୍ରେଞ୍ଚ ଓପନରେ କ୍ରମାଗତ ୩୧ଟି ମ୍ୟାଚ୍ ଜିତିଥିଲେ ଏବଂ ୨୦୦୯ରେ ଚତୁର୍ଥ ରାଉଣ୍ଡରେ ରବିନ ସୋଡରଲିଙ୍ଗଙ୍କ ବିପକ୍ଷରେ ତାଙ୍କୁ ପ୍ରଥମ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା ।

ଏହି ସଫଳତା ଏଥିପାଇଁ ମଧ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ କାରଣ ଜୋକୋଭିଚ୍ ଦୀର୍ଘ ସମୟ ପରେ ବେଜିଂ ଫେରିଛନ୍ତି । ୩୯ ବର୍ଷୀୟ ଏହି ଖେଳାଳି ଚଳିତ ବର୍ଷ ଚାଇନା ଓପନରେ ୨୦୧୫ ପରେ ପ୍ରଥମ ଥର ପାଇଁ ଓହ୍ଲାଇଛନ୍ତି, ଯେତେବେଳେ ସେ ଏହି ଟୁର୍ଣ୍ଣାମେଣ୍ଟରେ ନିଜର ଷଷ୍ଠ ଟାଇଟଲ୍ ଜିତିଥିଲେ । ଏହା ପୂର୍ବରୁ ସେ ୨୦୦୯, ୨୦୧୦, ୨୦୧୨, ୨୦୧୩, ୨୦୧୪ ଏବଂ ୨୦୧୫ରେ ମଧ୍ୟ ଏହି ଟ୍ରଫିକୁ ନିଜ ନାମରେ କରିଥିଲେ ।

# ଭାରତ ଏବଂ ୱେଷ୍ଟଇଣ୍ଡିଜ୍ ଉପରେ ମୋଟା ଅଙ୍କର ଜରିମାନା ଲଗାଇଲା ଆଇସିସି

**ନୂଆଦିଲ୍ଲୀ**

ଭାରତ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ନିକଟରେ ଶେଷ ହୋଇଛି । ଭାରତୀୟ ଦଳ ଏହି ସିରିଜ୍‌କୁ ୨-୧ ରେ ନିଜ ନାମରେ କରିଛି । ପ୍ରଥମ ଦୁଇଟି ଦିନିକିଆ ମ୍ୟାଚ୍‌ରେ ଭାରତକୁ ବିଜୟ ମିଳିଥିଲା । ଅନ୍ୟପଟେ ତୃତୀୟ ଦିନିକିଆ ମ୍ୟାଚ୍‌କୁ ୱେଷ୍ଟଇଣ୍ଡିଜ୍ ନିଜ ନାମରେ କରିଥିଲା । ବର୍ତ୍ତମାନ ଆଇସିସି ସ୍ଲୋ ଓଭର-ରେଟ୍ ପାଇଁ ଭାରତ ଏବଂ ୱେଷ୍ଟଇଣ୍ଡିଜ୍ ଉପରେ କଠୋର ଦଣ୍ଡ ଶୁଣାଯାଇଛି ।

୩ ଅକ୍ଟୋବରରେ ନ୍ୟୁ ଚଣ୍ଡୀଗଡ଼ରେ ଭାରତ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ତୃତୀୟ ଦିନିକିଆ ମ୍ୟାଚ୍ ଖେଳାଯାଇଥିଲା । ଏହି ମ୍ୟାଚ୍‌ରେ ଟିମ୍ ଇଣ୍ଡିଆ ନିର୍ଦ୍ଧାରିତ ସମୟଠାରୁ ୪ ଓଭର କମ୍ ବୋଲିଂ କରିଥିଲା । ଏହି କାରଣରୁ ଆଇସିସି ଦଳର ୨୦ ପ୍ରତିଶତ ମ୍ୟାଚ୍ ଫିସ୍ କାଟିଦେଇଛି । ୱେଷ୍ଟଇଣ୍ଡିଜ୍‌କୁ ମଧ୍ୟ ଏହି ମାମଲାରେ ଦଣ୍ଡ ଶୁଣାଯାଇଛି । ୱେଷ୍ଟଇଣ୍ଡିଜ୍ ନିର୍ଦ୍ଧାରିତ ସମୟଠାରୁ ୨ ଓଭର କମ୍ ବୋଲିଂ କରିଥିଲା । ଦଳ ଉପରେ ୧୦ ପ୍ରତିଶତ ଜରିମାନା ଲଗାଯାଇଛି ।

ଆଇସିସି ଅନୁଯାୟୀ ଯଦି କୌଣସି ଦଳ ନିର୍ଦ୍ଧାରିତ ସମୟ ମଧ୍ୟରେ ଓଭର ଶେଷ ନକରେ, ତେବେ ପ୍ରତି ଓଭର ପିଛା ତା' ଉପରେ ପାଞ୍ଚ ପ୍ରତିଶତ ଜରିମାନା ଲଗାଯିବ । ପଡ଼ିଆର ଅମ୍ପାୟାର ଜୟରାମନ ମଦନଗୋପାଲ ଓ ସାମ୍ ନୋଗାଜସ୍କି, ତୃତୀୟ ଅମ୍ପାୟାର ଶରଫୁଦ୍ଦୌଲା ଏବଂ ଚତୁର୍ଥ ଅମ୍ପାୟାର ବୀରେନ୍ଦ୍ର ଶର୍ମା ଏହି ଅଭିଯୋଗ କରିଥିଲେ । ଏହାପରେ ଜଣାପଡ଼ିଛି ଯେ ଭାରତୀୟ ଅଧିନାୟକ ଶୁବମନ ଗିଲ୍ ଏବଂ ୱେଷ୍ଟଇଣ୍ଡିଜ୍ ଅଧିନାୟକ ଶାଇ ହୋପ୍ ଏହି ଜରିମାନାକୁ ସ୍ୱୀକାର କରିନେଇଛନ୍ତି । ତେଣୁ ଏହି ମାମଲାରେ ଆଗକୁ ଆଉ କୌଣସି ଶୁଣାଣିର ଆବଶ୍ୟକତା ନାହିଁ ।

# 'ବିରାଟଙ୍କ ନମ୍ବର ତିଳକ ବର୍ମାଙ୍କୁ ମିଳିବା ଉଚିତ' : ୱାସିମ ଜାଫର

**ନୂଆଦିଲ୍ଲୀ**

ପ୍ରାୟ ୧୫ ବର୍ଷ ଧରି, ଭାରତୀୟ ଦଳକୁ ଓଡିଆଇ କ୍ରିକେଟରେ ୩ ନମ୍ବର ସ୍ଥାନ ପାଇଁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିନାହିଁ; ଏହାର ମୁଖ୍ୟ ଶ୍ରେୟ ବିରାଟ କୋହଲିଙ୍କୁ ଯାଏ, ଯାହାଙ୍କ ଚମତ୍କାର ପ୍ରଦର୍ଶନ ଏହି ସ୍ଥାନରେ ସ୍ଥିରତା ବଜାୟ ରଖିଛି । ତଥାପି, ଭାରତର ପୂର୍ବତନ ଓପନର ୱାସିମ ଜାଫର ବର୍ତ୍ତମାନ କୋହଲିଙ୍କ ସ୍ଥାନ ନେଇପାରୁଥିବା ଜଣେ ସମ୍ଭାବ୍ୟ ଖେଳାଳିଙ୍କ ନାମ ସୁପାରିସ କରିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ୨୦୨୭ ବିଶ୍ୱକପ ପରେ କୋହଲି ଅବସର ନେଲେ କିମ୍ବା ଦଳରୁ ଓହରିଗଲେ ତାଙ୍କ ସ୍ଥାନ ପୂରଣ କରିବା ପାଇଁ ଅନ୍ୟ ଜଣେ ଖେଳାଳିଙ୍କ ଆବଶ୍ୟକତା ପଡ଼ିବ ।

ୱେଷ୍ଟଇଣ୍ଡିଜ ବିପକ୍ଷରେ ନିକଟରେ ଶେଷ ହୋଇଥିବା ଓଡିଆଇ ସିରିଜ୍ ପୂର୍ବରୁ, କୋହଲି ସ୍ପଷ୍ଟ କରିଥିଲେ ଯେ ଆଗାମୀ ବିଶ୍ୱକପ ତାଙ୍କର ଶେଷ ବିଶ୍ୱକପ ହେବ । ତାଙ୍କ ବିଦାୟ ପରେ ୩ ନମ୍ବର ସ୍ଥାନ ଖାଲି ହୋଇଯିବ ଯାହା ବ୍ୟାଟିଂ କ୍ରମର ଶୀର୍ଷ ଭାଗରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଟେ । ଜାଫର ବିଶ୍ୱାସ କରନ୍ତି ଯେ ଯୁବ ବାମହାତୀ ବ୍ୟାଟର ତିଳକ ବର୍ମା ଏହି ଦାୟିତ୍ୱ ସମ୍ଭାଳି ପାରିବେ ଏବଂ ଏହି ପୂର୍ବତନ ଭାରତୀୟ ବ୍ୟାଟର ତିଳକଙ୍କ ଖେଳ ଶୈଳୀର ଉଚ୍ଚ ପ୍ରଶଂସା ମଧ୍ୟ କରିଛନ୍ତି ।

ନିଜ ୟୁଟ୍ୟୁବ ଚ୍ୟାନେଲରେ ମତ ରଖିବା ବେଳେ ଏହି ପୂର୍ବତନ ଭାରତୀୟ ବ୍ୟାଟର ତିଳକଙ୍କୁ କୋହଲିଙ୍କ ଉତ୍ତରାଧିକାରୀ ଭାବେ ବର୍ଣ୍ଣନା କରିଥିଲେ । ସେ କହିଥିଲେ, 'ତିଳକଙ୍କ ଖେଳ ଦେଖିବା ବେଶ୍ ଆନନ୍ଦଦାୟକ । ସେ ତିନି ନମ୍ବର ସ୍ଥାନରେ ବ୍ୟାଟିଂ କରି ଶତକ ହାସଲ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ପାଞ୍ଚ ଓ ଛଅ ନମ୍ବର ସ୍ଥାନ ସହିତ ମଧ୍ୟ ନିଜକୁ ଚମତ୍କାର ଭାବେ ଖାପ୍ ଖୁଆଇ ନେଇଥିଲେ । ଏହା ତାଙ୍କର ଉଲ୍ଲେଖନୀୟ ବ୍ୟାଟିଂ ଦକ୍ଷତାର ପରିଚୟ ।'

ଯେଉଁଠାରେ ଜାଫର ତିଳକଙ୍କୁ କୋହଲିଙ୍କ ଉତ୍ତରାଧିକାରୀ ଭାବେ ଚିହ୍ନଟ କରିଥିଲେ, ସେହିପରି ସେ ରୋହିତ ଶର୍ମାଙ୍କ ସ୍ଥାନ ପୂରଣ କରିବା ପାଇଁ ଯଶସ୍ୱୀ ଜୈସ୍ୱାଲଙ୍କୁ ଉପଯୁକ୍ତ ବିକଳ୍ପ ବୋଲି କହିଥିଲେ । ସେ ମତ ଦେଇଥିଲେ, 'ଏମିତି ଏକ ସମୟ ଆସିବ ଯେତେବେଳେ ରୋହିତ ଓ ବିରାଟ ଅବସର ନେବେ । ରୋହିତ ଜଣେ ଟପ-ଅର୍ଡର ବ୍ୟାଟର ହୋଇଥିବାରୁ, ଯଶସ୍ୱୀ ସ୍ୱାଭାବିକ ଭାବେ ତାଙ୍କ ସ୍ଥାନ ନେବେ । ମୋର ବିଶ୍ୱାସ ଯେ ବିରାଟଙ୍କ ସ୍ଥାନ ମଧ୍ୟ ଜଣେ ବାମହାତୀ ବ୍ୟାଟର ପୂରଣ କରିବେ ।'

ଏହି ପୂର୍ବତନ କ୍ରିକେଟର ଆହୁରି ମଧ୍ୟ କହିଥିଲେ, 'ତାଙ୍କ ଖେଳ ଶୈଳୀ ଚମତ୍କାର । ଦୁଲିପ ଟ୍ରଫିରେ ସେ କିପରି ରନ ସଂଗ୍ରହ କରିଥିଲେ, ତାହା ଆମେ ଦେଖିଛୁ । ଲିଷ୍ଟ-ଏ କ୍ରିକେଟରେ ତାଙ୍କର ହାରାହାରି ସ୍କୋର ୫୫ ରହିଛି, ଯାହା ତାଙ୍କୁ ତିନୋଟିଯାକ ଫର୍ମାଟ ପାଇଁ ଉପଯୁକ୍ତ ପ୍ରମାଣିତ କରେ ।' ଯଦିଓ ତିଳକ ଭାରତୀୟ ଦଳ ପାଇଁ ଟି-୨୦ କ୍ରିକେଟରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି, ତଥାପି ବର୍ତ୍ତମାନ ସୁଦ୍ଧା ଦିନିକିଆ କ୍ରିକେଟରେ ତାଙ୍କର ଅଭିଜ୍ଞତା ସୀମିତ ରହିଛି; ବର୍ମା ଏପର୍ଯ୍ୟନ୍ତ ମାତ୍ର ଚାରୋଟି ମ୍ୟାଚ ଖେଳି ମୋଟ ୬୮ ରନ ସଂଗ୍ରହ କରିଛନ୍ତି ।

# ଯାଜପୁରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି : ୨୨୦ ମାମଲା ପଞ୍ଜୀକୃତ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗଗୁଡ଼ିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ମୋଟ ୨୨୦ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୫୨ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ୦୬ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୬୧ ଗୋଟି ଅଭିଯୋଗ ଓ ରେଡ୍‌କ୍ରେସ୍ ପାଣ୍ଠିରୁ ସହାୟତା ନିମନ୍ତେ ୧ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୬୫ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନଗେନ୍ଦ୍ର ନାଥ ମହାପାତ୍ର, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ମାଝୀ, ଡେପୁଟି କଲେକ୍ଟର ଜିଲ୍ଲା ଅଭିଯୋଗ ପ୍ରକୋଷ୍ଠ ସାରସ୍ୱତ ସାହୁ, ଯାଜପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବ୍ରହ୍ମାନନ୍ଦ ବେହେରା, ତହସିଲଦାର, ଯାଜପୁର ରବିନାରାୟଣ ପାଢ଼ୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।



# ଚାଷ ଜମିରୁ ୧୦ ଫୁଟିଆ ବିରାଟ ଅଜଗର ସାପ ଉଦ୍ଧାର

**ଖପ୍ରାଖୋଲ, ନ୍ୟୁଜ୍‌ବ୍ୟୁରୋ**



ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ସଦର ଖପ୍ରାଖୋଲ ଠାରେ ଏକ ଚାଷ ଜମିରୁ ପ୍ରାୟ ୧୦ ଫୁଟ ଲମ୍ବର ଏକ ବିରାଟ ଅଜଗର ସାପ ଉଦ୍ଧାର ହୋଇଛି । ପରେ ଖପ୍ରାଖୋଲ ବନ ବିଭାଗ ପକ୍ଷରୁ ସାପଟିକୁ ହରିଶଙ୍କର ରେଞ୍ଜ ଅଧୀନସ୍ଥ ସଂରକ୍ଷିତ ଜଙ୍ଗଲରେ ସୁରକ୍ଷିତ ଭାବେ ଛାଡ଼ିଦିଆଯାଇଛି । ସୂଚନା ଅନୁସାରେ, ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ସନ୍ନିକଟରେ ଥିବା ଦଣ୍ଡସେନା ପରିବାରଙ୍କ ଚାଷ ଜମିରେ ଏକ ବିରାଟ ଅଜଗର ସାପ ଦେଖିବାକୁ ମିଳିଥିଲା । ଜମିରେ ଅଜଗରକୁ ଦେଖି ଚାଷୀ ଶେଷ ଶେଷଦଣ୍ଡସେନା ଭୟଭୀତ ହୋଇ ବନ ବିଭାଗକୁ ଖବର ଦେଇଥିଲେ । ଖବର ପାଇ ବଡ଼ ଗୁର୍ଜିଭାଟା ଗ୍ରାମର ସାପ ଧରାଳି ଗୁଣନିଧି ଠାକୁରଙ୍କ ସହାୟତାରେ ଖପ୍ରାଖୋଲ ବନ ବିଭାଗ କର୍ମଚାରୀ ମତୁଆଳ ବଗର୍ତ୍ତୀ ଓ ଭକ୍ତ ଗଡ଼ତିଆ ଘଟଣାସ୍ଥଳରେ ପହଞ୍ଚିଥିଲେ । ଦୀର୍ଘ ସମୟର ଉଦ୍ୟମ ପରେ ଅଜଗରଟିକୁ ସାବଧାନତାର ସହ ଉଦ୍ଧାର କରାଯାଇଥିଲା । ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଉଦ୍ଧାର ଅଜଗରଟିର ଲମ୍ବ ପ୍ରାୟ ୧୦ ଫୁଟ ଥିଲା । ପରେ ତାହାକୁ ହରିଶଙ୍କର ରେଞ୍ଜ ଅଧୀନସ୍ଥ ସଂରକ୍ଷିତ ଜଙ୍ଗଲରେ ନିରାପଦ ଭାବେ ଛାଡ଼ିଦିଆଯାଇଛି । ବନ ବିଭାଗର ଏହି ପଦକ୍ଷେପ ଯୋଗୁଁ ଏକ ବନ୍ୟଜନ୍ତୁର ଜୀବନ ରକ୍ଷା ପାଇବା ସହ ଅଞ୍ଚଳବାସୀଙ୍କ ମଧ୍ୟରେ ଆଶ୍ୱସ୍ତି ପ୍ରକାଶ ପାଇଛି ।

# ପ୍ରବଳ ବର୍ଷା ଯୋଗୁଁ ନବରଙ୍ଗପୁର ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି

**ରାଇଘର, ନ୍ୟୁଜ୍‌ବ୍ୟୁରୋ**

ଗତ ୨୪-୦୯-୨୦୨୬ ଠାରୁ ୨୬-୦୯-୨୦୨୬ ବଙ୍ଗୋପ ସାଗର ସୃଷ୍ଟି ହୋଇଥିବା 'ଗଭୀର ଅବପାତ' ଯୋଗୁଁ ନବରଙ୍ଗପୁର ଜିଲ୍ଲାରେ ଲଘୁଚାପ ଜନିତ ପ୍ରବଳ ବର୍ଷା ହୋଇ ବ୍ୟାପକ କ୍ଷତି ରଚିଥିଲା । ନବରଙ୍ଗପୁର ଜିଲ୍ଲା ପ୍ରଶାସନର ପ୍ରାରମ୍ଭିକ ଆକଳନ ଅନୁସାରେ କୋଡିଙ୍ଗା ତହସିଲରେ ସର୍ବାଧିକ ୧୦୪୪ ଜଣଙ୍କ ଘର ଆଂଶିକ ଭାବରେ ଭାଙ୍ଗିବାର ଆକଳନ କରାଯାଇଛି, ଗୋଟିଏ ଘର ପିଛା ୪୦୦୦ ଟଙ୍କା ହିସାବରେ ମୋଟ ୪୧,୮୨,୫୦୦ ଟଙ୍କା ବର୍ତ୍ତମାନ ଯାଏଁ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ପୈଠ କରାଯାଇଛି । ସେହିପରି ନବରଙ୍ଗପୁର ତହସିଲରେ ୩୩୧ ଘର ଏବଂ ୫ ଟି ଗୁହାଳ ବାବଦକୁ ୧୩,୩୯,୦୦୦ ଟଙ୍କା , ନନ୍ଦାହାଣ୍ଡି ତହସିଲରେ ୩୩୨ଘର ଏବଂ ୪ଟି ଗୁହାଳ ବାବଦକୁ ୧୩,୪୦,୦୦୦ ଟଙ୍କା, ତେନ୍ତୁଲିଖୁଣ୍ଟି ତହସିଲରେ ୬୪ ଘର ବାବଦକୁ ୨,୫୬,୦୦୦ ଟଙ୍କା, ପାପଡ଼ାହାଣ୍ଡି ତହସିଲରେ ୧୧୦ଟି ଘର ବାବଦକୁ ୪,୪୦,୦୦୦ ଟଙ୍କା, ଡାବୁଗାଁ ତହସିଲରେ ୧୪ଟି ଘର ବାବଦକୁ ୬୯,୦୦୦ ଟଙ୍କା, ଉମରକୋଟ ତହସିଲରେ ୪୩ଟି ଘର ବାବଦକୁ ୧,୭୨,୦୦୦ଟଙ୍କା, ରାଇଘର ତହସିଲ ରେ ୨୬ଟି ଘର ବାବଦକୁ ୧,୦୪,୦୦୦ ଟଙ୍କା, ଝରିଗାଁ ତହସିଲରେ ୧୧୨ଟି ଘର ବାବଦକୁ ୪,୪୮,୦୦୦ ଟଙ୍କା ଏବଂ ଚନ୍ଦାହାଣ୍ଡି ତହସିଲରେ ୪୧ ଗୋଟି ଘର ବାବଦକୁ ୧,୭୦,୫୦୦ ଟଙ୍କା ବର୍ତ୍ତମାନ ଯାଏଁ ମୋଟ ୨୧୧୭ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ୮୫,୨୧,୦୦୦ ଟଙ୍କା ପୈଠ କରାଯାଇଛି । ସେହିପରି, କୃଷି ବିଭାଗ ଏବଂ ରାଜସ୍ୱ ବିଭାଗର ଯୁଗ୍ମ ଭାବରେ ତଦନ୍ତ କରି କ୍ଷତି ଗ୍ରସ୍ତ ଚାଷୀଙ୍କ ଫସଲ ହାନି ଆକଳନ କରି ଅତିଶୀଘ୍ର ତାଙ୍କ ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ପୈଠ କରାଯିବ । ପ୍ରକାଶଥାଉକି, ଗତ ୨୪-୦୯-୨୦୨୬ ଠାରୁ ୨୬-୦୯-୨୦୨୬ ତାରିଖ ମଧ୍ୟରେ 'ଗଭୀର ଅବପାତ'ଏବଂ ଲଘୁଚାପ ଜନିତ ବର୍ଷା ଯୋଗୁଁ ହୋଇଥିବା କ୍ଷୟକ୍ଷତିର ମୁକାବିଲା ନିମନ୍ତେ ରାଜ୍ୟ ସରକାର ଆଗତୁରା ନବରଙ୍ଗପୁର ଜିଲ୍ଲା ନିମନ୍ତେ ୫ କୋଟି ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି ।

GOVERNMENT OF ODISHA
WORKS DEPARTMENT
OFFICE OF THE SUPERINTENDING ENGINEER, BALLIGUDA (R&B) DIVISION
BALLIGUDA
34001/939/2627
TELEPHONE & Fax 06846-243242 E-mail- eepwd.balliguda@gmail.com
e-procurement notice
Bid Identification No. S.E. BLG-07/ 2026-27
Dated: -01.10.2026

| Sl.No | Name of the Work | Roads & Buildings Works as per DTCN available in the website www.tendersodisha.gov.in |
|---|---|---|
| 1 | Estimated Cost | Rs. 2.54 lakhs to Rs.4.24 lakhs |
| 2 | No. of Works | 18(Eighteen) Only |
| 3 | Period & time of completion | 15(Fifteen) Days & 01(One)Month |
| 4 | Date & time of availability of the bid document in the portal | 05.10.2026 to 11.10.2026 (up to 5.00 PM) for Online Bidding |
| 5 | Last date/Time for receipt of bids in the portal | Up to 5.00 PM of 11.10.2026 |
| 6 | Date & Time of Bid opening | 11.30 hours on Dated. 12.10.2026 |
| 7 | Name & Address of the officer inviting Bid | Superintending Engineer, Balliguda R&B Division, Balliguda, Dist.-Kandhamal, Pin-762103 |

Others can be seen from Detailed Notice Inviting Tenders, available on the website. www.tendersodisha.gov.in. Corrigendum if any, shall only be published in the above website.
Sd/- Superintending Engineer
Balliguda (R&B) Division
OIPR-34001/34162/1/26-27/0010

GOVERNMENT OF ODISHA
DEPARTMENT OF WATER RESOURCES
32001/977/2627
"e" Procurement Notice-KID- 04 OF 2026-27
BID IDENTIFICATION NO. EE-KID- 04 OF 2026-27

| | | |
|---|---|---|
| 1 | Name of the Work work | Improvement/maintenance of irrigation canal / river embankment for the year 2026-27. |
| 2 | Total No. of Package | 07 Nos. |
| 3 | Tender Cost | Rs. 12.70 Lakhs to 16.95 Lakhs as per DTCN |
| 4 | Bid Security | Rs. 12700/- to Rs. 17000/- as per DTCN |
| 5 | Cost of Tender Paper (Online) | Rs. Rs. 6000/- as per DTCN |
| 6 | Period of Completion | As per DTCN |
| 7 | Availability of Tender online for bidding | From 07.10.2026 at 11.30 A.M to 23.10.2026 up to 11.30 A.M. |
| 8 | Date and place of opening | Dt. 26.10.2026 at 11.30 AM in the office of the Executive Engineer, Keonjhar Irrigation Division, Kendujhar |
| 9 | Tender Inviting Authority | Keonjhar Engineer, Keonjhar Irrigation Division, Kendujhar |

Further details can be seen from the website http.//www.tendersorissa.gov.in/ www.dowrodisha.gov.in Any addendum/ Corrigendum/ Cancellation to the above notice will be published in this web site only.
Sd/- Executive Engineer
OIPR-32001/32476/1/26-27/0004 Keonjhar Irrigation Division, Kendujhar

# ବରଗଡ଼ ଧନୁଯାତ୍ରା ଉପରେ ଆଧାରିତ ପୂର୍ଣ୍ଣାଙ୍ଗ ପ୍ରାମାଣିକ ଚଳଚ୍ଚିତ୍ର 'ମାମୁ ଘରକୁ ଯାତ୍ରା'ର ସ୍କ୍ରିନିଂ ଓ ସମ୍ବର୍ଦ୍ଧନା

**ଭୁବନେଶ୍ୱର/ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଧନୁଯାତ୍ରାର ୭୯ ବର୍ଷର ସମୃଦ୍ଧ ପରମ୍ପରା ଓ ଏହା ସହ ଜଡ଼ିତ ଲୋକଙ୍କ ଭାବନା ଓ ଅନନ୍ୟ କଳାକୁ ନେଇ ପ୍ରସ୍ତୁତ ହୋଇଛି ଏକ ପୂର୍ଣ୍ଣାଙ୍ଗ ପ୍ରାମାଣିକ ଚଳଚ୍ଚିତ୍ର – 'ମାମୁ ଘରକୁ ଯାତ୍ରା' । ଶନିବାର ସନ୍ଧ୍ୟାରେ ଭୁବନେଶ୍ୱରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ଚଳଚ୍ଚିତ୍ରର ସ୍କ୍ରିନିଂ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।

ଓଡ଼ିଶାର ଅଗ୍ରଣୀ ଡିଜିଟାଲ ମିଡିଆ ଚ୍ୟାନେଲ ଓଡ଼ିଶାଲାଇଭ୍ ପକ୍ଷରୁ ଏହି ପ୍ରାମାଣିକ ଚଳଚ୍ଚିତ୍ର ପ୍ରସ୍ତୁତ କରାଯାଇଛି । ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ) ଏହାର ସହଯୋଗୀ ରହିଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଯୋଗ ଦେଇଥିଲେ । ସେହିପରି ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଓଲିଉଡ୍ ଅଭିନେତ୍ରୀ ଅନୁ ଚୌଧୁରୀ ଏବଂ ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ ଯୋଗ ଦେଇଥିଲେ ।




ଧନୁଯାତ୍ରା ଉପରେ ଏଭଳି ଏକ ପୂର୍ଣ୍ଣାଙ୍ଗ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ ହେବା ସ୍ୱାଗତଯୋଗ୍ୟ । ଏହା ମାଧ୍ୟମରେ ଧନୁଯାତ୍ରାର ଇତିହାସ, ପରମ୍ପରା ଓ ଲୋକକଳା ସାରା ବିଶ୍ୱରେ ଆହୁରି ପ୍ରସାରିତ ହୋଇପାରିବ । ଆଗାମୀ ଦିନରେ ଧନୁଯାତ୍ରା ଉପରେ ଗବେଷଣା କରୁଥିବା ଗବେଷକ, ଐତିହାସିକ ଓ ଚଳଚ୍ଚିତ୍ର ନିର୍ମାତାଙ୍କ ପାଇଁ ଏହି ଡକ୍ୟୁମେଣ୍ଟାରୀ ଏକ ଗୁରୁତ୍ୱପୂର୍ଣ୍ଣ ଆଧାର ହେବ ବୋଲି ମୁଁ ଆଶା କରୁଛି, କହିଛନ୍ତି ସାଂସଦ ପ୍ରଦୀପ ପୁରୋହିତ ।

ଓଡ଼ିଶାଲାଇଭର ସିଇଓ ଏବଂ ମାମୁ ଘରକୁ ଯାତ୍ରା ପ୍ରାମାଣିକ ଚଳଚ୍ଚିତ୍ରର ପ୍ରଯୋଜକ ନୀଳାମ୍ବର ରଥ ଏହି କାର୍ଯ୍ୟକ୍ରମକୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଓଡ଼ିଶାଲାଇଭର ନିର୍ଦ୍ଦେଶକ ଭବାନି ପ୍ରସାଦ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶାଲାଇଭର ନିର୍ଦ୍ଦେଶକ ଏବଂ 'ମାମୁ ଘରକୁ ଯାତ୍ରା'ର ସହ ପ୍ରଯୋଜିକା ପ୍ରଣତି ପରିଡ଼ା ଏବଂ ଚଳଚ୍ଚିତ୍ରର ନିର୍ଦ୍ଦେଶକ ସୁରେଶ ପଟ୍ଟନାୟକଙ୍କ ସହ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ପ୍ରଶାସକ, କଳାକାର, ବୁଦ୍ଧିଜୀବୀ, ଗଣମାଧ୍ୟମ, କଳା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ର ସହ ଜଡ଼ିତ ପ୍ରମୁଖ ବ୍ୟକ୍ତି ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଅତିଥିମାନଙ୍କ ଉପସ୍ଥିତିରେ 'ମାମୁ ଘରକୁ ଯାତ୍ରା'ର ପୋଷ୍ଟର ଉନ୍ମୋଚନ କରାଯାଇଥିଲା । ଏହାସହ ବରଗଡ଼ ଧନୁଯାତ୍ରାର ଲୋକପରମ୍ପରାକୁ ଆଗେଇ ନେଉଥିବା କଳାକାର ଓ ସୃଜନଶୀଳ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ଏହି ଅବସରରେ ୧୯୯୮ରୁ ୨୦୦୦, ୨୦୧୭ରୁ ୨୦୨୦ ଏବଂ ୨୦୨୫ରେ ବରଗଡ଼ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଥିବା ଭୁବନେଶ୍ୱର ପ୍ରଧାନଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା । ଏହାସହ ଅନ୍ୟ ବରିଷ୍ଠ କଳାକାର, ଶିଶୁ କଳାକାର, ନିର୍ଦ୍ଦେଶକ ଏବଂ ଚଳଚ୍ଚିତ୍ର ପ୍ରଯୋଜନା ଟିମ୍‌ର ସଦସ୍ୟମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ବରଗଡ଼ ଧନୁଯାତ୍ରା ହେଉଛି ଓଡ଼ିଶାର ଅନନ୍ୟ କଳା, ସଂସ୍କୃତି, ଐତିହ୍ୟ ଓ ଲୋକପରମ୍ପରାର ଏକ ନିଆରା ପରିଚୟ । ବିଗତ ଦିନରେ ଧନୁଯାତ୍ରାକୁ ନେଇ ଆମେ ଦୁଇଟି କଫି ଟେବୁଲ୍ ବୁକ୍ ପ୍ରକାଶ କରିବା ସହ ଓଡ଼ିଶାଲାଇଭ୍‌ର ସୋସିଆଲ ମିଡିଆ ହ୍ୟାଣ୍ଡେଲ୍ ମାଧ୍ୟମରେ ଅନେକ ଭିଡିଓ ପ୍ରସାରଣ କରିଛୁ । ଆଜି 'ମାମୁ ଘରକୁ ଯାତ୍ରା' ପ୍ରାମାଣିକ ଚଳଚ୍ଚିତ୍ରର ସ୍କ୍ରିନିଂ କରାଯାଉଛି । ଧନୁଯାତ୍ରାର ଅନନ୍ୟ ପରମ୍ପରା, ଲୋକଜୀବନ ଓ ଏହା ସହ ଜଡ଼ିତ ସାଂସ୍କୃତିକ କାହାଣୀକୁ ଏହି ଚଳଚ୍ଚିତ୍ର ମାଧ୍ୟମରେ ଦେଶ ବିଦେଶରେ ପହଞ୍ଚିବ ବୋଲି ଆମେ ଆଶା କରୁଛୁ," କହିଛନ୍ତି ଓଡ଼ିଶାଲାଇଭର ସିଇଓ ନୀଳାମ୍ବର ରଥ ।

ମାମୁ ଘରକୁ ଯାତ୍ରା' ପ୍ରାମାଣିକ ଚଳଚ୍ଚିତ୍ରର ଗ୍ଲୋବାଲ୍ ଡିଜିଟାଲ୍ ପ୍ରିମିୟର ଓଡ଼ିଶାଲାଇଭର ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ପ୍ରସାରଣ କରାଯାଇଛି । ଏହାକୁ ଦେଶବିଦେଶର ଦର୍ଶକମାନେ ଦେଖିପାରିବେ ।

ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ ଓ ଲୋକପରମ୍ପରାର କାହାଣୀକୁ ଡିଜିଟାଲ୍ ମାଧ୍ୟମରେ ଦେଶ ବିଦେଶର ଦର୍ଶକଙ୍କ ନିକଟରେ ପହଞ୍ଚାଇବାରେ ଓଡ଼ିଶାଲାଇଭ୍ ନିରନ୍ତର କାର୍ଯ୍ୟ କରିଆସୁଛି । ବିଶ୍ୱର ସର୍ବ ବୃହତ୍ ମୁକ୍ତାକାଶ ରଙ୍ଗ ମଞ୍ଚ ଭାବେ ପରିଚିତ ବରଗଡ଼ ଧନୁଯାତ୍ରାର ସମୃଦ୍ଧ ପରମ୍ପରା ଓ ସାଂସ୍କୃତିକ ବିବିଧତାକୁ ନେଇ 'ମାମୁ ଘରକୁ ଯାତ୍ରା' ପ୍ରାମାଣିକ ଚଳଚ୍ଚିତ୍ର ପ୍ରସ୍ତୁତ ହୋଇଛି ।

ଉତ୍କଳ ଦୀପିକା
ଭୁବନେଶ୍ୱର, ୬ ଅକ୍ଟୋବର, ମଙ୍ଗଳବାର, ୨୦୨୬
RNI Regd. No. : 52640/94
Postal Regd. No. : BN/60/25-27

# ନାଲ୍କୋ ଏବଂ ଏଲଭି ପ୍ରସାଦର ମିଳିତ ପ୍ରୟାସ : ଶୀଘ୍ର କାର୍ଯ୍ୟକ୍ଷମ ହେବ ଅନୁଗୋଳ ଚକ୍ଷୁ ଚିକିତ୍ସାଳୟ

**ଭୁବନେଶ୍ୱର, ୫/୧୦**
**ନ୍ୟୁଜ ବ୍ୟୁରୋ**

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ନବରତ୍ନ ଲୋକ ଉଦ୍ୟୋଗ 'ନ୍ୟାସନାଲ୍ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍' (ନାଲ୍କୋ) ନିଜର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ଲୋକଙ୍କ ପାଇଁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇବା ଦିଗରେ ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ଏହି କ୍ରମରେ ହାଇଦ୍ରାବାଦସ୍ଥିତ 'ଏଲ୍.ଭି. ପ୍ରସାଦ ଆଇ ଇନଷ୍ଟିଚ୍ୟୁଟ୍' ସହ ପୂର୍ବରୁ ହୋଇଥିବା ଚୁକ୍ତିନାମାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଅତିରିକ୍ତ ଚୁକ୍ତି ସ୍ୱାକ୍ଷର କରାଯାଇଛି। ଏହି ପଦକ୍ଷେପ ଅନୁଗୋଳସ୍ଥିତ ନାଲ୍କୋ ନଗରରେ 'ସେକେଣ୍ଡାରୀ ପ୍ଲସ୍ ଆଇ କେୟାର ସେଣ୍ଟର' (ଚକ୍ଷୁ ଚିକିତ୍ସା କେନ୍ଦ୍ର) କାର୍ଯ୍ୟକ୍ଷମ ହେବା ଦିଗରେ ସହାୟକ ହେବ। ଉଲ୍ଲେଖନୀୟ ଯେ, ଏହି ଅଞ୍ଚଳକୁ ବିଶେଷଜ୍ଞ-ସ୍ତରୀୟ ତଥା ସୁଲଭ ଚକ୍ଷୁ ଚିକିତ୍ସା ସେବା ଯୋଗାଇବା ଲକ୍ଷ୍ୟରେ ନାଲ୍କୋ, ଏଲ୍‌ଭିପିଇଆଇ ସହଯୋଗରେ ଅନୁଗୋଳଠାରେ ଏକ ଆଧୁନିକ ଚକ୍ଷୁ ଚିକିତ୍ସା କେନ୍ଦ୍ର ପାଇଁ ଭିତ୍ତିଭୂମି



ସ୍ଥାପନ କରିଥିଲା। ଭିତ୍ତିଭୂମି ସ୍ଥାପନ ପରେ ପରିଚାଳନାଗତ ସମସ୍ୟା ଯୋଗୁଁ ଏହି ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା କେନ୍ଦ୍ରର କାର୍ଯ୍ୟ ଆରମ୍ଭ ହେବାରେ ବିଳମ୍ବ ଘଟିଥିଲା। ଏହି ପ୍ରକଳ୍ପର ଏକ ବିସ୍ତୃତ ସମୀକ୍ଷା ପରେ ନାଲ୍କୋ ଏବଂ ଏଲ୍‌ଭିପିଇଆଇ ଏକ ଅତିରିକ୍ତ ଚୁକ୍ତିନାମା ସ୍ୱାକ୍ଷର କରିବା ସହ ମୁଖ୍ୟ ପ୍ରତିବନ୍ଧକଗୁଡ଼ିକର ସମାଧାନ ଦିଗରେ ତତ୍ପରତା ପ୍ରକାଶ କରିଛନ୍ତି। ଫଳସ୍ୱରୂପ ଆଗାମୀ କିଛି ମାସ ମଧ୍ୟରେ ଏହି କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବା ପାଇଁ ପଥ ପରିଷ୍କାର ହୋଇପାରିଛି। ସୋମବାର ନାଲ୍କୋ କର୍ପୋରେଟ୍ କାର୍ଯ୍ୟାଳୟରେ ନାଲ୍କୋର ସିଏସ୍ଆର୍ ଶାଖା 'ନାଲ୍କୋ ଫାଉଣ୍ଡେସନ୍' ଏବଂ 'ଏଲ୍‌ଭି ପ୍ରସାଦ ଆଇ ଇନଷ୍ଟିଚ୍ୟୁଟ୍' ମଧ୍ୟରେ ଏକ ଅତିରିକ୍ତ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ନାଲ୍କୋ ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ, ନାଲ୍କୋର ନିର୍ଦ୍ଦେଶକବୃନ୍ଦ, ଏଲ୍‌ଭିପିଇଆଇର କାର୍ଯ୍ୟନିର୍ବାହୀ ଅଧକ୍ଷ ଡକ୍ଟର ପ୍ରଶାନ୍ତ ଗର୍ଗ ଏବଂ ଉଭୟ ସଂସ୍ଥାର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ, 'ସେକେଣ୍ଡାରୀ ପ୍ଲସ୍ ଆଇ କେୟାର ସେଣ୍ଟର'ର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ପାଇଁ ନାଲ୍କୋ ଫାଉଣ୍ଡେସନ୍ ଏବଂ ଏଲ୍‌ଭିପିଇଆଇ ମିଳିତ ଭାବେ ପ୍ରୟାସ କରିବେ। ଏହି ପ୍ରସ୍ତାବିତ କେନ୍ଦ୍ରର ପରିଚାଳନା ଦାୟିତ୍ୱ ଏଲ୍‌ଭିପିଇଆଇକୁ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, ଏଲ୍‌ଭିପିଇଆଇ ଚକ୍ଷୁ ଚିକିତ୍ସା ସେବାରେ ଉତ୍କର୍ଷତା ପାଇଁ ବିଶ୍ୱସ୍ତରରେ ସ୍ୱୀକୃତିପ୍ରାପ୍ତ ଏବଂ ଭୁବନେଶ୍ୱରରେ ଏକ 'ଟର୍ସିଆରୀ ଆଇ କେୟାର ସେଣ୍ଟର' ମଧ୍ୟ ପରିଚାଳନା କରୁଛି। ଅନୁଗୋଳ ତଥା ଆଖପାଖ ଜିଲ୍ଲାର ବାସିନ୍ଦାଙ୍କ ପାଇଁ ଏହି ବହୁ-ପ୍ରତୀକ୍ଷିତ ଚକ୍ଷୁ ଚିକିତ୍ସା କେନ୍ଦ୍ର ଯଥେଷ୍ଟ ସହାୟକ ହେବ ବୋଲି ଆଶା କରାଯାଉଛି। ଏହି କେନ୍ଦ୍ର ସୁଲଭ ଓ ରିହାତି ମୂଲ୍ୟରେ ଉନ୍ନତମାନର ଚକ୍ଷୁ ଚିକିତ୍ସା ସେବା ଯୋଗାଇବ, ଯାହା ବିଶେଷ ଭାବରେ ନାଲ୍କୋର ପରିପାର୍ଶ୍ୱିକ ଗ୍ରାମଗୁଡ଼ିକରେ ବସବାସ କରୁଥିବା ଲୋକଙ୍କ ପାଇଁ ଲାଭଦାୟକ ହେବ। କାର୍ଯ୍ୟକ୍ଷମ ହେବା ପରେ, ଏହି କେନ୍ଦ୍ର ଅନୁଗୋଳ, ଢେଙ୍କାନାଳ, ଦେବଗଡ଼, ବୌଦ୍ଧ ଏବଂ ପଡ଼ୋଶୀ ଜିଲ୍ଲାମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ଚକ୍ଷୁ ଚିକିତ୍ସା କେନ୍ଦ୍ର ଭାବରେ କାର୍ଯ୍ୟ କରିବ ବୋଲି ପରିକଳ୍ପନା କରାଯାଇଛି। ଯାହା ଦ୍ୱାରା ବିଶେଷ ଚକ୍ଷୁ ଚିକିତ୍ସା ସେବାର ଉପଲବ୍ଧତାରେ ଉଲ୍ଲେଖନୀୟ ଉନ୍ନତି ଆସିବ ଏବଂ ଅଞ୍ଚଳର ସାମଗ୍ରିକ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସୁଦୃଢ଼ କରାଯାଇପାରିବ।

# ଭୁବନେଶ୍ୱରୀ ବେଶରେ ଦର୍ଶନ ଦେଲେ ମା' କଟକ ଚଣ୍ଡୀ

**କଟକ, ୬/୧୦**
**ନ୍ୟୁଜ ବ୍ୟୁରୋ**

କଟକ ମହାନଗରର ଅଧିଷ୍ଠାତ୍ରୀ ଦେବୀ ମା' କଟକ ଚଣ୍ଡୀଙ୍କ ପୀଠରେ ଚାଲିଛି ଷୋଳଦିନାତ୍ମକ ପୂଜା। ମୂଳାଷ୍ଟମୀଠାରୁ ଆରମ୍ଭ ହୋଇଥିବା ଏହି ପାରମ୍ପରିକ ପୂଜାର ସୋମବାର ତୃତୀୟ ଦିନ। ଏହି ଅବସରରେ ମା'ଙ୍କ ମନ୍ଦିରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ମୂଳାଷ୍ଟମୀ ତିଥିରେ ବିଧିବିଧାନ ଅନୁସାରେ ମା'ଙ୍କ ଘଟ ସ୍ଥାପନ କରାଯାଇଥିଲା। ଏହାପରେ ମା'ଙ୍କର ଷୋଡ଼ଶ ଉପଚାର ବିଧିରେ ପୂଜାର୍ଚ୍ଚନା ଜାରି ରହିଛି। ପ୍ରତ୍ୟେକ ଦିନ ଭିନ୍ନ ଭିନ୍ନ ବେଶରେ ମା' ଭକ୍ତମାନଙ୍କୁ ଦର୍ଶନ ଦେଉଥିବା ବେଳେ ସୋମବାର ମା' କଟକ ଚଣ୍ଡୀ ଭୁବନେଶ୍ୱରୀ ବେଶରେ ଦର୍ଶନ ଦେଇଛନ୍ତି। ମା'ଙ୍କ ଏହି ଦୁର୍ଲଭ ବେଶ ଦର୍ଶନ ପାଇଁ ସୋମବାର ସକାଳୁ କଟକ ଚଣ୍ଡୀ ମନ୍ଦିରରେ ଭକ୍ତଙ୍କ ପ୍ରବଳ ସମାଗମ



ହୋଇଥିଲା। ଦୂରଦୂରାନ୍ତରୁ ଭକ୍ତମାନେ ମନ୍ଦିରରେ ପହଞ୍ଚି ମା'ଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଲାଭ କରିଥିଲେ। ମନ୍ଦିର ପରିସରରେ ଭକ୍ତି ଓ ଶ୍ରଦ୍ଧାର ପରିବେଶ ଦେଖିବାକୁ ମିଳିଥିଲା। ଷୋଳଦିନାତ୍ମକ ପୂଜା ଅବସରରେ ଆଗାମୀ ଦିନଗୁଡ଼ିକରେ ମଧ୍ୟ ବିଭିନ୍ନ ବେଶରେ ମା' କଟକ ଚଣ୍ଡୀ ଭକ୍ତମାନଙ୍କୁ ଦର୍ଶନ ଦେବେ। ମା'ଙ୍କ ଦର୍ଶନ ପାଇଁ ପ୍ରତିଦିନ ଶ୍ରଦ୍ଧାଳୁଙ୍କ ଭିଡ଼ ବଢ଼ିବା ଆଶା କରାଯାଉଛି।



ଭୁବନେଶ୍ୱର : ବିଶିଷ୍ଟ ଶିଳ୍ପପତି ସୁବ୍ରତ ବାଗ୍‌ଚି ତାଙ୍କ ଟ୍ୱିଟର ଏକ୍ସରେ କହିଛନ୍ତି ଯେ ହ୍ୟୁଷ୍ଟନ୍‌ସ୍ଥିତ 'ମ୍ୟୁଜିୟମ୍ ଅଫ୍ ଫାଇନ୍ ଆର୍ଟସ୍'ରେ ମୁଁ ଏକ ଚମତ୍କାର କଳାକୃତି ଦେଖିଲି। ଏକ ହାତୀଦାନ୍ତର କୁଣ୍ଡଳୀ (କଣ୍ଢି), ଯାହାର ଗୋଟିଏ ପାର୍ଶ୍ୱରେ ଗଣେଶ ଏବଂ ଅନ୍ୟ ପାର୍ଶ୍ୱରେ ରାଧା-କୃଷ୍ଣଙ୍କ ଚିତ୍ର ରହିଛି। ଗଣେଶଙ୍କ ଚିତ୍ର ତଳକୁ ଓଡ଼ିଆ ଭାଷାରେ ୧୫ଶ ଶତାବ୍ଦୀର ପୁରୀର ଗଜପତି ଶ୍ରୀପୁରୁଷୋତ୍ତମ ଦେବଙ୍କ ନାମ ଖୋଦିତ ହୋଇଛି। ତେବେ ଏହା ହ୍ୟୁଷ୍ଟନ୍‌ସ୍ଥିତ 'ମ୍ୟୁଜିୟମ୍ ଅଫ୍ ଫାଇନ୍ ଆର୍ଟସ୍' ପର୍ଯ୍ୟନ୍ତ କିପରି ପହଞ୍ଚିଲା ତାହା ସନ୍ଦେହ ସୃଷ୍ଟି କରିଛି। (ଫଟୋ : ସମ୍ବାଦ କଳିକା)

## କିଟ୍‌ର ୨୨ତମ ବାର୍ଷିକ ସମାବର୍ତ୍ତନ ଉଦ୍‌ଯାପିତ

# ବୈଷୟିକ ଜ୍ଞାନର ବଶବର୍ତ୍ତୀ ନହୋଇ ଦକ୍ଷତା ହାସଲ କର: ନାଗାଲାଣ୍ଡ ରାଜ୍ୟପାଳ

**ଭୁବନେଶ୍ୱର, ୫।୧୦**
**ନ୍ୟୁଜ ବ୍ୟୁରୋ**

ବୈଷୟିକ ଜ୍ଞାନର ବଶବର୍ତ୍ତୀ ନହୋଇ ଏହା ଉପରେ ଦକ୍ଷତା ହାସଲ କରିବା ପାଇଁ ନାଗାଲାଣ୍ଡ ରାଜ୍ୟପାଳ ନନ୍ଦ କିଶୋର ଯାଦବ କହିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟର ୨୨ତମ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ଯାଦବ ଛାତ୍ରଛାତ୍ରୀଙ୍କୁ ଏହି ପରାମର୍ଶ ଦେଇଛନ୍ତି। ତିନିଦିନ ଧରି ଚାଲିଥିବା କିଟ୍ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହ ସୋମବାର ଉଦ୍‌ଯାପିତ ହୋଇଯାଇଛି। ସମାବର୍ତ୍ତନରେ ଯୋଗଦେଇଥିବା ଅତିଥିମାନେ ସ୍ନାତକ ଛାତ୍ରଛାତ୍ରୀଙ୍କୁ ଉପଲବ୍ଧ ସୁଯୋଗକୁ ଆପଣାଇବା, ନୂଆ ଚିନ୍ତାଧାରା ଓ ସର୍ଜନାକୁ ପ୍ରୋତ୍ସାହିତ କରିବା ସହ ସମାଜ ପ୍ରତି ନିଜର ଦାୟିତ୍ୱବୋଧକୁ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଛନ୍ତି। ଏହି ସମାବର୍ତ୍ତନରେ ୧୦ ହଜାରରୁ ଅଧିକ ସ୍ନାତକ, ସ୍ନାତକୋତ୍ତର, ପିଏଚ୍‌ଡି ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଛି। ସମାବର୍ତ୍ତନ ଉତ୍ସବର ପ୍ରଥମ ଦିବସରେ ଯୋଗଦେଇ ଶ୍ରୀ ଯାଦବ କିଟ୍‌ର ଯାତ୍ରାକୁ 'ଦୃଷ୍ଟିକୋଣ, ଅଧ୍ୟବସାୟ ଓ ଦୃଢ଼ ସଂକଳ୍ପର ଏକ ଶିକ୍ଷା' ଭାବେ



ବର୍ଣ୍ଣନା କରିଥିଲେ। ଉଚ୍ଚଶିକ୍ଷା ଓ ଜାତୀୟ ବିକାଶ କ୍ଷେତ୍ରରେ କିଟ୍‌ର ଅବଦାନ ପାଇଁ ଏହାର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, କିଟ୍‌ର ନେତୃତ୍ୱ, ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ପ୍ରଶଂସା କରିଥିଲେ। ସେହିପରି ନୀତି ଆୟୋଗ ଉପାଧ୍ୟକ୍ଷ ଡ. ଅଶୋକ କୁମାର ଲାହିରୀ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରି କହିଲେ, ଭାରତର ଭବିଷ୍ୟତ ବୈଷୟିକ ଜ୍ଞାନ ଓ ଆଧୁନିକୀକରଣ ଦ୍ୱାରା ଗଢ଼ିଉଠିବ। ତେବେ ବୈଷୟିକ ପ୍ରଗତି ସହ ଦେଶର ପରମ୍ପରା ଓ ମୂଲ୍ୟବୋଧକୁ ମଧ୍ୟ ସୁରକ୍ଷିତ ରଖିବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ। ଏହି ସମାବର୍ତ୍ତନ ଉତ୍ସବରେ ଆମେରିକାର ପ୍ରତିନିଧି ସଭାର ସଦସ୍ୟ କଂଗ୍ରେସମ୍ୟାନ୍ ମାଇକେଲ୍ ବାଉମଗାର୍ଟନର ଯୋଗଦେଇ ଖୁସି ବ୍ୟକ୍ତ କରିବା ସହ ବିଶ୍ୱରେ ଶାନ୍ତି ଓ ସ୍ଥିରତା ସୁଦୃଢ଼ କରିବାରେ ଶିକ୍ଷାନୁଷ୍ଠାନଗୁଡ଼ିକର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସମାବର୍ତ୍ତନର ବିଭିନ୍ନ ଦିନରେ ଆମେରିକାର ମୋଣ୍ଟାନା ଷ୍ଟେଟ୍ ୟୁନିଭର୍ସିଟିର ସଭାପତି ଡ. ବ୍ରକ୍ ଟେସମାନ୍, ମୋତିଲାଲ୍ ଓସ୍ୱାଲ୍ ଫାଇନାନ୍ସିଆଲ୍ ସର୍ଭିସେସ୍ ଲିମିଟେଡ୍‌ର ସହ-ପ୍ରତିଷ୍ଠାତା, ଗ୍ରୁପ୍ ମ୍ୟାନେଜିଂ ଡାଇରେକ୍ଟର ଓ ସିଇଓ ମୋତିଲାଲ୍ ଓସ୍ୱାଲ୍, ଟେକ୍ନୋ ଇଣ୍ଡିଆ ଗ୍ରୁପ୍ ଓ ଟେକ୍ନୋ ଇଣ୍ଡିଆ ୟୁନିଭର୍ସିଟି, କୋଲକାତାର ଅଧକ୍ଷ ଓ କୁଳାଧିପତି ଡ. ଗୌତମ ରାୟ ଚୌଧୁରୀ ଏବଂ ଏବିପି ନ୍ୟୁଜ୍‌ର ବରିଷ୍ଠ ସାମ୍ବାଦିକା ଚିତ୍ରା ତ୍ରିପାଠୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ବିଭିନ୍ନ ଦେଶରୁ ଆସିଥିବା ପ୍ରତିନିଧିମାନେ ମଧ୍ୟ ସମାବର୍ତ୍ତନରେ ଯୋଗଦେଇଥିଲେ। ସେହିପରି ନୀତି ଆୟୋଗର ସଦସ୍ୟ ପ୍ରଫେସର ଗୋବର୍ଦ୍ଧନ ଦାସ, ହୋମି ଭାବା ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍‌ର ଡିନ୍ ତଥା ବରିଷ୍ଠ ପ୍ରଫେସର ଅବେଶ କୁମାର ତ୍ୟାଗୀ, ଆରପି-ସଞ୍ଜୀବ ଗୋଏଙ୍କା ଗ୍ରୁପର ପ୍ରତିଷ୍ଠାତା ଓ ଅଧକ୍ଷ ଡ. ସଞ୍ଜୀବ ଗୋଏଙ୍କା, ଏସ୍ଆରଏମ୍ ଗ୍ରୁପର ଅଧକ୍ଷ ତଥା ଏସ୍ଆରଏମ୍ ୟୁନିଭର୍ସିଟି ଦିଲ୍ଲୀ-ଏନ୍‌ସିଆର କୁଳାଧିପତି ଡ. ରବି ପଚମୁଥୁ, ରୋମାନିଆର ୟୁନିଭର୍ସିଟି ଅଫ୍ କ୍ରାଏଭୋଆର ରେକ୍ଟର ପ୍ରଫେସର ସେଜାର ଇଓନୁଟ୍ ସ୍ପିନୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ନାତକମାନଙ୍କୁ ସମ୍ବୋଧିତ କରିଥିଲେ। ତିନିଦିନ ଧରି ଚାଲିଥିବା ଏହି ସମାବର୍ତ୍ତନ ଉତ୍ସବରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଉପସ୍ଥିତ ଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜାଙ୍କ ଅଧ୍ୟକ୍ଷତାରେ ସମାବର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଉପକୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତିଙ୍କ ସମେତ ବିଶ୍ୱବିଦ୍ୟାଳୟର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣପଦକ, କୁଳାଧିପତି ସ୍ୱର୍ଣ୍ଣ ପଦକ, ପି.କେ. ବଳ ମେମୋରିଆଲ୍ ସ୍ୱର୍ଣ୍ଣ ପଦକ, ପିପିଏଲ୍ ସ୍ୱର୍ଣ୍ଣପଦକ, ନନୀବାଳା ମେମୋରିଆଲ୍ ସ୍ୱର୍ଣ୍ଣପଦକ, ଶ୍ରୀକୃଷ୍ଣ ଚନ୍ଦ୍ର ପଣ୍ଡା ମେମୋରିଆଲ୍ ସ୍ୱର୍ଣ୍ଣପଦକ, ଡ. ଓ୍ୱାଟି ପରମଗୁରୁ ମେମୋରିଆଲ୍ ସ୍ୱର୍ଣ୍ଣ ପଦକ, କୁଳପତି ରୌପ୍ୟ ପଦକ, ଡ. ନୀତିଶ କାନ୍ତ ରୌପ୍ୟ ପଦକ ଏବଂ ଶ୍ରୀମତୀ ମଞ୍ଜୁ ରଥଙ୍କୁ ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା।

# ଶହୀଦ ବାଜି ରାଉତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ମୁଖ୍ୟମନ୍ତ୍ରୀ ଓ ବାଚସ୍ପତି

**ଭୁବନେଶ୍ୱର, ୦୫/୧୦**
**ନ୍ୟୁଜ ବ୍ୟୁରୋ**

ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୋମବାର ଶହୀଦ ବାଜି ରାଉତଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବିଧାନସଭା ପାଶ୍ୱର୍ସ୍ଥିତ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏବଂ ଅନ୍ୟ ବିଶିଷ୍ଟ ଅତିଥିମାନେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସଞ୍ଜୟ କୁମାର ବିଶ୍ୱାଳ, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ରହି ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

ଏହି ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ମହାନ ଦେଶଭକ୍ତ ମାନଙ୍କ ସ୍ମୃତିଚାରଣ କରି ସେମାନଙ୍କ ଅବଦାନକୁ ସ୍ମରଣ କରିବା ପାଇଁ ସରକାର ସମସ୍ତ ପଦକ୍ଷେପ ନେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୦୫/୧୦/୨୦୨୬
5,09,673/- ଟଙ୍କା
ସୁନା:- ୦୫ ଗ୍ରାମ୍ ୦୦୦ ମିଲିଗ୍ରାମ୍
ରୂପା:- ୧୬୬ଗ୍ରାମ୍୦୦୦ ମିଲିଗ୍ରାମ୍



ଭୁବନେଶ୍ୱର : ଜୟଦେବ ବିହାର ଛକ ସ୍ଥିତ ଭଗବତୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ପ୍ରହ୍ଲାଦ ସାହୁଙ୍କ ଦ୍ୱାରା ରଚିତ "ଦେବୀ କୃପା" ପୁସ୍ତକକୁ ଲୋକାର୍ପଣ କରାଯାଉଛି। ଏନେଇ ଆୟୋଜିତ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରିଥିଲେ ଡ. ଆରତୀ କର, ଡ. ୟୁ.ଏନ୍ କର, ହରିକୃଷ୍ଣ ଶତପଥୀ, ପ୍ରଫୁଲ୍ଲ ରଥ ପ୍ରମୁଖ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଶ୍ରୀନିବାସ ଘଟୱାରୀ। (ଫଟୋ : ସମ୍ବାଦ କଳିକା)

## ବିପ୍ଳବୀ ପ୍ରାଣନାଥ ପଟ୍ଟନାୟକଙ୍କ ୫୬ତମ ଶ୍ରାଦ୍ଧବାର୍ଷିକୀ

# ପ୍ରାଣନାଥଙ୍କ ଜୀବନ ସେବା ଓ ସଂଗ୍ରାମ ପାଇଁ ସମର୍ପିତ ଥିଲା

**ଭୁବନେଶ୍ୱର, ୦୫/୧୦ ନ୍ୟୁଜ ବ୍ୟୁରୋ**

ବିପ୍ଳବୀ ପ୍ରାଣନାଥ ପଟ୍ଟନାୟକଙ୍କ ସମଗ୍ର ଜୀବନ ସେବା ଓ ସଂଗ୍ରାମ ପାଇଁ ସମର୍ପିତ ଥିଲା। ସମାଜର ଅଗଣିତ ଗରିବ ଓ ଅବହେଳିତ ଜନସାଧାରଣଙ୍କ ମୁହଁରେ ହସ ଫୁଟାଇବାକୁ ସେ ଆଜୀବନ ପ୍ରୟାସ ଜାରି ରଖିଥିଲେ ବୋଲି ରାଜ୍ୟସ୍ତରୀୟ ସ୍ମୃତି ସମାରୋହରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ସ୍ୱାଧୀନତା ସଂଗ୍ରାମର ଅଗ୍ରଗଣ୍ୟ ଯୋଦ୍ଧା, ସାମ୍ୟବାଦୀ ଓ କୃଷକ ଆନ୍ଦୋଳନର ଅନ୍ୟତମ ଆଦ୍ୟ ପୁରୋଧା, ଶିକ୍ଷା ପ୍ରସାରରେ ଅଗ୍ରଣୀ ଶିକ୍ଷାବିତ୍, ସାହିତ୍ୟିକ, ବିଧାୟକ ତଥା ବିପ୍ଳବୀ ପ୍ରାଣନାଥ ପଟ୍ଟନାୟକଙ୍କ ୫୬ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଜୟଦେବ ଭବନଠାରେ ଅନୁଷ୍ଠିତ ସ୍ମୃତି ସମାରୋହରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସ୍ୱାଧୀନତା ସଂଗ୍ରାମରେ ପ୍ରାଣନାଥଙ୍କ ଅନବଦ୍ୟ ଅବଦାନ ସମ୍ପର୍କରେ ଆଲୋଚନା କରି ତାଙ୍କର ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ସ୍ୱର୍ଗତ ପଟ୍ଟନାୟକଙ୍କୁ ବୈପ୍ଳବିକ ଚେତନାର ଅନ୍ୟତମ ଅଗ୍ରଦୂତ ରୂପେ ବର୍ଣ୍ଣନା କରି ସେ ତାଙ୍କର ଉତ୍ସର୍ଗୀକୃତ ଜନସେବା ଓ ଶିକ୍ଷାର ପ୍ରସାର ପାଇଁ ନିଷ୍ଠାପର ପ୍ରଚେଷ୍ଟାର ପ୍ରଶଂସା କରିଥିଲେ। ଏହି ଉତ୍ସବରେ 'ଆମ ଓଡ଼ିଶା' ଓ 'ସମ୍ବାଦ'ର ଅଧକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟବକ୍ତା ରୂପେ ଯୋଗଦେଇ ପ୍ରାଣନାଥଙ୍କ ବୈପ୍ଳବିକ କର୍ମମୟ ଜୀବନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଉତ୍ସବରେ ବରେଣ୍ୟ ଅତିଥି ରୂପେ ଯୋଗଦେଇ 'କିଟ୍' ଓ 'କିସ୍'ର ପ୍ରତିଷ୍ଠାତା ତଥା ଶିକ୍ଷାବିତ୍ ଡ. ଅଚ୍ୟୁତ ସାମନ୍ତ, ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ଉପାଧକ୍ଷ ଦୀପକ ମାଳବ୍ୟ ଏବଂ ଓଡ଼ିଶାର ଆଡ୍‌ଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ ପ୍ରମୁଖ ପ୍ରାଣନାଥଙ୍କ ଜନସେବା, ରାଜ୍ୟରେ ଶିକ୍ଷା ପ୍ରସାର ଦିଗରେ ନିଷ୍ଠାପର ପ୍ରଚେଷ୍ଟା ଏବଂ ସାହିତ୍ୟ ସାଧନା ସମ୍ପର୍କରେ ବିଭିନ୍ନ ଦୃଷ୍ଟିକୋଣରୁ ଆଲୋଚନା କରିଥିଲେ। ସ୍ମୃତି ସମିତିର ସଭାପତି ତଥା ବିଶିଷ୍ଟ ଲେଖିକା ଡ. ଅର୍ଚ୍ଚନା ନାୟକ ଉତ୍ସବରେ ଅଧକ୍ଷତା କରିଥିବା ବେଳେ ସମ୍ପାଦକ ବରିଷ୍ଠ ସିନେ ସମୀକ୍ଷକ ଦିଲ୍ଲୀପ ହାଲି ବିବରଣୀ ପ୍ରଦାନ କରିଥିଲେ।

ଏହି ଅବସରରେ ବିଭିନ୍ନ କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ ପାଞ୍ଚ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ 'ପ୍ରାଣନାଥ ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା। ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ ହେଲେ - ଐତିହାସିକ ଓ ଗବେଷକ ପ୍ରଫେସର ବସନ୍ତ କୁମାର ମଲ୍ଲିକ, ବରିଷ୍ଠ ନାଟ୍ୟକାର ଓ ଗଣମାଧ୍ୟମ ବ୍ୟକ୍ତିତ୍ୱ ଗୋପୀନାଥ ବାରିକ, ଶିକ୍ଷାବିତ୍ ଡ. ବିନ୍ଦୁଶ୍ରୀ ମିଶ୍ର, ଲୋକପ୍ରିୟ ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର ଏବଂ ଲେଖିକା ଓ ଅନୁବାଦିକା ରତ୍ନମାଳା ସ୍ୱାଇଁ। ଏହି କାର୍ଯ୍ୟକ୍ରମକୁ ସଂଯୋଜନା ସହ ଧନ୍ୟବାଦ ଅର୍ପଣ କରିଥିଲେ ଡ. ମୃତ୍ୟୁଞ୍ଜୟ ରଥ।





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।
ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ବିଶିଷ୍ଟ ଧର୍ମପରାୟଣା ମହିଳା ବିନୋଦିନୀ ପ୍ରହରାଜଙ୍କ ପରଲୋକ

**ଭୁବନେଶ୍ୱର, ୫/୧୦**
**ନ୍ୟୁଜ ବ୍ୟୁରୋ**

ବିଜେବି ନଗର ଅଞ୍ଚଳର ଜଣାଶୁଣା ସମାଜସେବୀ ତଥା ବିଶିଷ୍ଟ ଧର୍ମ ପରାୟଣା ମହିଳା ବିନୋଦିନୀ ପ୍ରହରାଜଙ୍କ ସୋମବାର ଭୋର ସାଢେ ୬ଟାରେ ହଠାତ୍ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା। ମୃତ୍ୟୁ ସମୟରେ ତାଙ୍କ ବଡପୁଅ ବିଶିଷ୍ଟ ଶିଳ୍ପଦ୍ୟୋଗୀ ଗୌରୀଶଙ୍କର ପ୍ରହରାଜ, ବୋହୂ ସ୍ୱାତୀ ରଥ, ନାତି ପରିତୋଷ ପ୍ରହରାଜ, ସୁମିତୋଷ ପ୍ରହରାଜ (ନାତି), ବଡଝିଅ କଲ୍ୟାଣୀ ପ୍ରହରାଜ, ଜାମାତା କୃଷ୍ଣ ଚନ୍ଦ୍ର ମିଶ୍ର ଓ ନାତି ଆଶିଷ ମିଶ୍ର, ମନୀଷ ମିଶ୍ର ଉପସ୍ଥିତ ଥିଲେ।

ତାଙ୍କ ସ୍ୱାମୀ ସୁଲେଖକ ତଥା 'ସମ୍ବାଦ କଳିକା'ର ସ୍ତମ୍ଭ ଲେଖକଙ୍କର ଗତବର୍ଷ ନଭେମ୍ବର ୧ ତାରିଖରେ ପରଲୋକ ହୋଇଯାଇଥିଲା। ସ୍ୱର୍ଗତ ଶ୍ରୀମତୀ ପ୍ରହରାଜ ୧୯୪୧ ମସିହାରେ କଟକର ଏକ ଜମିଦାର ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କୁ ଯେତେବେଳେ ମାତ୍ର ୩ମାସ ହୋଇଥିଲା ସେତେବେଳେ ତାଙ୍କ ମାଆଙ୍କ ମୃତ୍ୟୁ ହୋଇଯାଇଥିଲା। ତାଙ୍କ ଉପରେ ଦୁଇ ଭାଇ ଓ ଦୁଇ ଭଉଣୀ





ଥିଲେ। ତାଙ୍କ ବାଲ୍ୟ ଜୀବନ ତାଙ୍କ ଖୁଡ଼ିଙ୍କ ନିକଟରେ କଟିଥିଲା। କଟକରେ ଶିକ୍ଷା ସମାପ୍ତ ପରେ ସେ ୧୯୫୮ ମସିହାରେ ଚକ୍ରଧର ପ୍ରହରାଜଙ୍କୁ ବିବାହ କରି ଭୁବନେଶ୍ୱର ୟୁନିଟ୍-୬ ସରକାରୀ ବାସଭବନରେ ଆସି ରହିଥିଲେ। ତାଙ୍କର ଦୁଇଝିଅ ଓ ଦୁଇ ପୁଅ ଅଛନ୍ତି। ତାଙ୍କର କନିଷ୍ଠ ପୁତ୍ର ପ୍ରଶାନ୍ତ ପ୍ରହରାଜ ବିଶ୍ୱର ଅଗ୍ରଣୀ ବ୍ୟାଙ୍କରେ ବିଦେଶରେ କାର୍ଯ୍ୟ କରି ଏବେ ମୁମ୍ବାଇରେ ସ୍ଥାୟୀ ଭାବରେ ଅବସ୍ଥାନ କରୁଛନ୍ତି। ସୋମବାର ସକାଳେ ସୁସ୍ଥ ଅବସ୍ଥାରେ ଶ୍ରୀମତୀ ପ୍ରହରାଜଙ୍କର ହଠାତ୍ ମହାପ୍ରୟାଣ ହୋଇଥିଲା। ତାଙ୍କର ମୃତ୍ୟୁ ଖବର ପାଇବା ପରେ ବିଜେବି ନଗର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ବିଜେବି ନଗରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସ ଭବନରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସଙ୍ଗେ ସଙ୍ଗେ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

ତାଙ୍କ କନିଷ୍ଠ ପୁତ୍ର ପ୍ରଶାନ୍ତ ପ୍ରହରାଜ ଆସିଲାପରେ ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଶେଷ କୃତ୍ୟ ସମାପନ କରାଯାଇଥିଲା। ଶେଷକୃତ୍ୟ ବେଳେ କନିଷ୍ଠ ପୁତ୍ର ପ୍ରଶାନ୍ତ ପ୍ରହରାଜ ଓ ତାଙ୍କ ପତ୍ନୀ ମଧୁସ୍ମିତା ପ୍ରହରାଜ, ଦୁଇ ନାତି ଅମ୍ଳାନ ପ୍ରହରାଜ ଓ ଆୟୁଷ ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ଶ୍ରୀମତୀ ପ୍ରହରାଜଙ୍କ ଜ୍ୟେଷ୍ଠ ପୁତ୍ର ଗୌରୀଶଙ୍କର ପ୍ରହରାଜ ମୁଖାଗ୍ନି ଦେଇଥିଲେ।

## 'ସମ୍ବାଦ କଳିକା' ସମ୍ପାଦକଙ୍କ ଶୋକ

ବିଶିଷ୍ଟ ଧର୍ମପ୍ରାଣା ମହିଳା ବିନୋଦିନୀ ପ୍ରହରାଜଙ୍କ ପରଲୋକରେ ଶୋକପ୍ରକାଶ କରି 'ସମ୍ବାଦ କଳିକା'ର ସମ୍ପାଦକ ଜୟାଶୀଷ ରାୟ କହିଛନ୍ତି -ମୁଁ ଆଜି ମୋର ଜଣେ ମାଆଙ୍କୁ ହରାଇଲି। ଦୀର୍ଘ ୬୦ ବର୍ଷ ହେଲା ମୋର ତାଙ୍କ ସହ ଆତ୍ମିକ ସମ୍ପର୍କ ରହିଆସିଥିଲା। ଆଜି ସେ ତାକୁ ଛିନ୍ନ କରି ପରଲୋକ ଗମନ କରିଛନ୍ତି। ତାଙ୍କ ପରଲୋକ ଖବର ଶୁଣିଲା ମାତ୍ରେ ମୁଁ ନିଜକୁ ରୋକି ପାରିଲିନାହିଁ। ଦୀର୍ଘ ଦିନ ହେଲା ତାଙ୍କ ସହ ବସା ଉଠା ସବୁ ଚାଲିଥିଲା। ତାଙ୍କ ବଡ ପୁଅର ସାଙ୍ଗ ହିସାବରେ ସେ ମୋତେ ଅତ୍ୟନ୍ତ ଶ୍ରଦ୍ଧା କରୁଥିଲେ। ଘରକୁ ଗଲାମାତ୍ରେ ପାଖରେ ବସାଇ ଭଲମନ୍ଦ ପଚାରି ମୁଣ୍ଡ ଆଉଁସି ଦେଉଥିଲେ। ସେ ଅତ୍ୟନ୍ତ ଧର୍ମ ପରାୟଣା ମହିଳା ଥିଲେ। କେବେ କାହାର ଅନିଷ୍ଟ ଚିନ୍ତା କରୁନଥିଲେ। ନିଜ ଦ୍ୱାରା ଯେତିକି ସମ୍ଭବ ଅନ୍ୟକୁ ସାହାଯ୍ୟ ସହଯୋଗ କରୁଥିଲେ। ତାଙ୍କର ବାତ୍ସଲ୍ୟ ମମତା କେବେ ବି ଭୁଲିବାର ନୁହେଁ। ମାଆ ଯେମିତି ପିଲାର ମୁହଁ ଦେଖି ତା'ର ସମସ୍ତ କଥା ଜାଣିପାରୁଥିଲେ ସେ ସେମିତି ମୋର ମନଦୁଃଖ ଥିଲେ ପାଖରେ ବସାଇ ବୁଝାଉଥିଲେ। ସ୍ନେହ କରୁଥିଲେ। ସେହି ତ୍ୟାଗ ଏବଂ ମମତାର ପ୍ରତିମୂର୍ତ୍ତି ମାଆଙ୍କ ବିୟୋଗରେ ଦୁଃଖରେ ମୁଁ ଭାଙ୍ଗିପଡିଛି। ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ଠାରେ ପ୍ରାର୍ଥନା କରୁଛି ଓ ତାଙ୍କ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଉଛି।